ଓଡ଼ିଶାର ଲୋକକଥା

ଶ୍ରୀ ରଘୁନାଥ ରାଉତ

Digitized by srujanika@gmail.com

ଓଡ଼ିଶାର ଲୋକକଥା

(ପ୍ରଥମ ଭାଗ)

ଲେଖକ

ରଘୁନାଥ ଦଉତ

ସଭାପତି, ଓଡ଼ିଶା ଶିଶୁ ସାହିତ୍ୟ ପରିଷଦ

ସୁଧା ପ୍ରକାଶନ

ବାଖରବାଦ, କଟକ-୨

Digitized by srujanika@gmail.com

ଓଡ଼ିଶାର ଲୋକକଥା
(ପ୍ରଥମ ଭାଗ)

ଲେଖକ :

ଶ୍ରୀ ରଘୁନାଥ ରାଉତ

ପ୍ରକାଶକ :

ସୁଧା ପ୍ରକାଶନ
ବାଖରାବାଦ, କଟକ-୨

ଦ୍ୱିତୀୟ ସଂସ୍କରଣ—୧୯୯୭

ପ୍ରଚ୍ଛଦପଟ :

ଅସିତ ମୁଖାର୍ଜୀ

ମୁଦ୍ରଣ :

ଲିପିକାର, ଝାଞ୍ଜିରିମଙ୍ଗଳା, କଟକ-୯

ମୂଲ୍ୟ—ଟ ୧୫-୦୦

Digitized by srujanika@gmail.com

ପୂର୍ବାଭାଷ

ଓଡ଼ିଶାର ସବୁ ଅଞ୍ଚଳକୁ ଗଲେ ସେଠାରେ ସେହି ଅଞ୍ଚଳର କିଛି ନା କିଛି ପ୍ରଚଳିତ ଲୋକକଥା ଶୁଣିବାକୁ ମିଳିଥାଏ । ଏହାର କଥାକାରମାନେ ଅଜ୍ଞାତ । ତଥାପି ଏଥିରୁ କିଛି ନା କିଛି ଶିକ୍ଷଣୀୟ କଥାବସ୍ତୁ ମିଳେ । ଆଗେ ଲୋକମାନେ ପଢ଼ି ଜାଣିନଥିଲେ । ତେଣୁ ଗଳ୍ପ ମାଧ୍ୟମରେ ସେମାନେ କେତେକ ନୀତିକଥା ଓ କିଛି କିଛି ଜ୍ଞାନ ଅର୍ଜନ କରୁଥିଲେ—ଏଥିରେ ସନ୍ଦେହର ଅବକାଶ ନାହିଁ । ସେଇ କାଳରୁ ଏହା ଲୋକମୁଖରେ ଲୋକକଥା ହିସାବରେ ପ୍ରଚଳିତ ହୋଇଆସୁଛି । ଆଜିକାଲି ଲୋକମାନେ ଗାଉଁଲି ଜୀବନକୁ ଛାଡ଼ି ସହରାଭିମୁଖୀ ହେଉଛନ୍ତି । ତେଣୁ ପୂର୍ବର ଲୋକକଥାକୁ ଭୁଲିଯିବା କିଛି ବଡ଼କଥା ନୁହେଁ ।

ଆମ୍ଭେମାନେ ଆମର ପୂର୍ବପୁରୁଷଙ୍କୁ ମନେରଖିବା, ସେମାନଙ୍କର ପ୍ରଚଳିତ ଲୋକକଥାକୁ ମନେରଖିବା ଆଶାକରି ପୁସ୍ତକଟି ଲେଖିଛି । ଆଶା, ପିଲାମାନେ ଏହି ପୁସ୍ତକଟି ପଢ଼ି ଖୁସିହେବେ ।

ଲେଖକ

Digitized by srujanika@gmail.com

ଏଥିରେ ଅଛି

ବିଷୟ	ପୃଷ୍ଠା
୧ । ସୁନାଫୁଲ ସୁନା ସଙ୍ଗେ ସମତୁଲ	୧
୨ । ସାତ ଭାଇରେ ସେଇ ଏକା ନାଆଁଟି ତା'ର ଚନ୍ଦନଚମ୍ପା···	୭
୩ । ଶଙ୍ଖଚିଲକୁ ପିଲାଏ ଶ୍ରଦ୍ଧା କରନ୍ତି କାହିଁକି ?	୧୩
୪ । ଗିଧନ ମାଙ୍କଁର ଗେଲା ଭଣଜା	୨୨
୫ । ଭଙ୍ଗା ପଥର	୨୯
୬ । ନଳ ବାଡ଼ରେ ହାଟ ବସିବ କେମିତି ?	୩୩
୭ । ବାଇଜର ରଜା କିଏ, ସହସ୍ର ପାପକ କି'ଣ ?	୩୯
୮ । କେନ୍ଦ୍ରାପଡ଼ା କେମିତି ହେଲା ?	୪୪
୯ । ମାମୁ ଭଣଜା ପାହାଡ଼ର ଜନ୍ମକଥା	୪୮
୧୦ । ପାଟଣାଗଡ଼ର ରଜା	୫୦
୧୧ । ରାଣୀମା'	୫୫
୧୨ । ମୋ' କଥାଟି ସରିଲା	୬୨

Digitized by srujanika@gmail.com

ସୁନାଫୁଲ ସୁନାସଙ୍ଗେ ସମତୁଲ

ଗୋଟିଏ ରାଇଜରେ ସାଧବ ବୁଢ଼ୀଟିଏ ଥାଏ । ସେ ସାଧବ ଦାନ-ଧର୍ମକୁ ହରିଶ୍ଚନ୍ଦ୍ର । ଉଚ୍ଚ ମନରେ ଶିବ । ଉଦାରପଣରେ ବିଷ୍ଣୁ । କ୍ଷମାପଣରେ ବ୍ରହ୍ମା । ସେଥିପାଇଁ ଲୋକମାନେ ତାଙ୍କୁ ଖୁବ୍ ମାନନ୍ତି । ଭକ୍ତି କରନ୍ତି ।

ବୁଢ଼ା ସାଧବର ସାତପୁଅ, ସାତ ବୋହୂରେ ଗୋଟିଏ ବୋଲି ଦିବ୍ୟସୁନ୍ଦରୀ ସୁନାନାକୀ ଝିଅ । ଦେଖିବାକୁ ଅରଗକୁ ସରଗ । ହଳଦୀ-ଗଣ୍ଠି ପରି ଗୋରୀ ତକ୍‌ତକ୍ ଦେହକୁ ଚକ କାଟିଦେଲା ପରି ମୁହଁ । ତା'ର ରୂପଲାବଣ୍ୟ ଦେଖି ମନେହୁଏ ସେ ଯେମିତି ଆକାଶର ତାରାମାନଙ୍କୁ ଝଟକିବାକୁ ଶିଖାଉଛି । ବଗିଚାର ଫୁଲମାନଙ୍କୁ କେମିତି ହସିବାକୁ ହେବ ବତାଇ ଦେଉଛି । ସେ ଯେମିତି ସୁନ୍ଦର ତା' କଥାବାର୍ତ୍ତା ବି ସେମିତି ମଧୁର । ଆଉ ଗୁଣ, ସେ କଥା ନକହିବା ଭଲ । ସେଇଥିପାଇଁ ବୁଢ଼ୀ ସାଧବାଣୀ ତା' ନାଆଁ ଦେଇଥିଲା--'ସୁନାଫୁଲ' । ସତକୁସତ ସେ ସୁନା ସଙ୍ଗେ ସମତୁଲ । ବାପ, ମା', ଭାଇ, ଭାଉଜ ସମସ୍ତେ ତାଙ୍କୁ ଗେହ୍ଲା କରନ୍ତି । ଲବଣୀ ପିତୁଳାଠାରୁ ବଳକରି ତାକୁ ବଢ଼ଉଥାନ୍ତି । ଇମିତି ଇମିତି ସୁନାଫୁଲକୁ ପନ୍ଦର ପୂରି ଷୋହଳ ଚାଲିଲା ।

ଦିନକର ସୁନାଫୁଲ ଭାଉଜମାନଙ୍କ ସାଥିରେ ନଈକୁ ଗାଧୋଇ ଯାଇଥାଏ । ନଈରେ କାଚକେନ୍ଦୁ ପରି ପାଣି । ଦାନ୍ତ ଘଷୁ ଘଷୁ, ସୁନା ଦେହକୁ ରଙ୍ଗ ପଣତରେ ମାଜୁ ମାଜୁ, ଝଡ଼ା ପଣତରେ ବାରହାତ ଲମ୍ବା ଓଦା ବାଳକୁ ଝାଡ଼ୁ ଝାଡ଼ୁ···ତାଙ୍କ ଭିତରେ କେତେ ହସଖୁସି, ଟାହିଟାପରା, ସବୁ ଚାଲିଥାଏ । ଏତିକିବେଳେ ସାନଭାଉଜ ଲବଙ୍ଗଲତା ଥିଲା ଥିଲା କହିଲା—"ଆ:ଗୋ ମୁକୁଟାଝିଅ, ଦୁଃଖପାସୋରା, ନାଆଁଟା ଯିମିତି ସୁନାଫୁଲ ପାଇଛ·· ରୂପରେ ଯିମିତି ସୁନାଫୁଲ ପରି

Digitized by srujanika@gmail.com

ଦାଉ ଦାଉ ଝଟକୁଛ···ସିମିତ ଯଦି ସତକୁସତ ତୁମେ ଗଦାଏ ସୁନାଫୁଲ ହୋଇଯାଆନ୍ତ, ଆମେ ସାତଯାଆ ତୁମକୁ ଦିନରାତି ଖୋସାରେ ଖୋସି ବୁଲନ୍ତୁ ।"

ସେତେବେଳକୁ ସୁନାଫୁଲ ଗାଧୋଇସାରି କଳାଭ୍ରମର ପାଟ ବଦଳଉଥିଲା । ସେ କହିଲା—"ମ, ଏଇକଥା ! ମତେ ମାଟି ଖୋଳି ପୋତି ପକଉନ । କେଇଟା ଦିନରେ ମୁଁ ସୁନା ଗଛ ହୋଇ, ସୁନାଗଛ ହୋଇ ସୁନାଫୁଲରେ ଭରିଯିବି । ତୁମ୍ଭେମାନେ ମନଇଚ୍ଛା ତୋଳି ନେଇ ଖୋସାରେ ଖୋସିବ ।"

ତା' କଥା ଶୁଣି ସାତ ଭାଉଜ ଜିଭ କାମୁଡ଼ି ପକେଇଲେ । ଆମେ ତୁମକୁ ପୋତିଦେବୁ । ଆମକୁ ତୁମ ଭାଇମାନେ ଜୀଅନ୍ତାରେ ରଖିବେ ଟି ? ଉପରେ କଣ୍ଟା ତଳେ କଣ୍ଟା ଦେଇ ସେମାନେ ଆମକୁ ପୋତି ଦେବେନ !

ସୁନାଫୁଲ ଫିକକନା ହସି ଦେଇ କହିଲା—"କାହିଁକି, ମୁଁ କ'ଣ ମରିଯିବି କି ··ତୁମେ ଭାବୁଛ ? ସେତେବେଳେ ସୁନାଫୁଲ ଉଠିଆସ ବୋଲି ତୁମେ ଡାକଦେବ···ମୁଁ ପରି ପୁଣି ଉଠି ବସିବି ।"

ସୁନା ନଣନ୍ଦର ସେ କଥା ଶୁଣି ସାତ ଭାଉଜ ବଡ଼ ଉଷତ ହେଲେ । ସେଇଦିନ ଘରକୁ ଫେରି ସେମାନେ ସୁନାଫୁଲକୁ ଗାତ ଖୋଳି ପୋତି-ପକାଇଲେ । ଗଛ ଉଠିବ ବୋଲି ଭାବି ତା' ଉପରେ ପାଣି ଢାଳିଲେ ।

ଆଶ୍ଚର୍ଯ୍ୟର କଥା । ଦିନ କେଇଟାରେ ସେଥିରୁ ସୁନାଗଛ ବାହାରି ସୁନାଗଛ ଉଠିଲା । ଦେଖୁ ଦେଖୁ ସେ ଗଛରେ ଲଦି ହୋଇ ପଡ଼ିଲା ସୁନାଫୁଲଟିମାନ ! ଆହା କି ଉଜ୍ଜ୍ୱଳ ଚକ୍‌ଚକ୍ ସେ ଫୁଲ !!

ମନ ସରାଗରେ ଭାଉଜମାନେ ଯେତେ ଇଚ୍ଛା ସେତେ ସୁନାଫୁଲ ତୋଳି ଗଭା ସଜାଇଲେ ।

ଦିନକର ସେମାନେ ଗଭାରେ ସୁନାଫୁଲ ଖୋସି ନଈକୁ ଗାଧୋଇ ଯାଉଥାନ୍ତି, ଏତିକବେଳେ ମନ୍ତ୍ରିଆଣୀ ବୋହୂ କନକଲତାର ବେଣୀରୁ ସୁନାଫୁଲଟିଏ ଖସି ତା' ଅଜାଣତରେ ତଳେ ପଡ଼ିଗଲା । ଯୋଗକୁ ସେତିକବେଳକୁ ସେ ଦେଶର ରାଜା ସେଇବାଟେ ପାରିଧିରୁ ଫେରୁଥିଲେ ।

Digitized by srujanika@gmail.com

ସୁନାଫୁଲଟି ଉପରେ ଯିମିତ ତାଙ୍କର ନଜର ପଡ଼ିଛି, ସେ ସଙ୍ଗେ ସଙ୍ଗେ ଘୋଡ଼ାରୁ ଓହ୍ଲାଇପଡ଼ି ଫୁଲଟିକୁ ତତ୍‌କ୍ଷଣ ଗୋଟେଇ ନେଲେ ।

ନନ୍ଦନ ପାରିଜାତରୁ ବଳି ସେ ସୁନାଫୁଲ । ତାକୁ ପାଇ ରାଜାଙ୍କର ଯେମିତି ଆନନ୍ଦ ନଥାଉ ଏ ସୁନାଫୁଲ ପାଇବା ଲାଗି ମନ ବଡ଼ ଉଚାଟ ହେଲା । ଏ ଯିମିତି ଫୁଲ ନା..., ଏ ଫୁଲ ପାଖରେ ତ ତାଙ୍କ ରାଜମହଲ, ରାଜଛତ୍ର, ହାତୀଘୋଡ଼ା, ପାଟରାଣୀ ସବୁକିଛି ତୁଚ୍ଛ ! ତେବେ...ଏ ଫୁଲ ସେ ପାଇବେ କେଉଁଠୁ ?

ଦରବାରକୁ ଫେରି ସଙ୍ଗେ ସଙ୍ଗେ କଳିଙ୍ଗ ରାଇଜର ସବୁଠୁ ଯିଏ ବଡ଼ ସାଧବ, ତାକୁ ସେ ଡକେଇ ପଠାଇଲେ । ସାଧବ ତ ସାତସମୁଦ୍ର ତେର ନଈ ପାରହୋଇ ବାଲିଦ୍ୱୀପ, ଶାକଦ୍ୱୀପ, ଲଙ୍କାଦ୍ୱୀପ, କ୍ରୌଞ୍ଚଦ୍ୱୀପ ଚାରିଆଡ଼େ ବୁଲୁଛି...ସେଇ ଜାଣିଥିବ ଏ ସୁନାଫୁଲ କେଉଁଠି ମିଳେ । କେତେଥର କେତେ କେତେ ଦୁର୍ଲ୍ଲଭ ପଦାର୍ଥ ସେଇ ବୁଢ଼ା ସାଧବ ପାଖରୁ ସେ ପାଇଛନ୍ତି । ରୁପାର ଚନ୍ଦ୍ରୁଆ, ସୁନାର ହାତୀ, ଗଜମୁକୁତାର ମାଳା, ମଣିମୁକୁତାର ଝରି, ରତ୍ନଖଣ୍ଡ, ମରକତ, କଙ୍କଣ,...ଆଉ ଆଜି ଏ ସୁନାଫୁଲ ଆଣି ସେ ପହଞ୍ଚାଇପାରିବନି !!

ଡାକରା ପାଇ ସଙ୍ଗେ ସଙ୍ଗେ ବୁଢ଼ା ସାଧବ ଆସି ହାଜର ହେଲା । ରାଜା ତାକୁ ସୁନାଫୁଲଟି ଦେଖାଇ କହିଲେ—"ମୋର ଏଇଭଳି ଆଉ ଶହେଟି ସୁନାଫୁଲ ଦରକାର । ସାତଦିନ ମଧ୍ୟରେ ଆଣିଦିଅ । ନଚେତ୍ ରାଜାଘର କଣ୍ଟାରରେ ତୁମର ମୁଣ୍ଡକାଟ ହେବ ।"

ଏଥର ବୁଢ଼ା ସାଧବ ବିଚରା ବଡ଼ ଘାଲେଣିରେ ପଡ଼ିଲା । ତାକୁ ଦିନରେ ଭୋକ ହେଲାନି କି ରାତିରେ ନିଦ ହେଲାନି । ସବୁକଥା ଶୁଣି ବୁଢ଼ୀ ସାଧବାଣୀ ବି କାନ୍ଦ ପକେଇଲା । ସେତେବେଳକୁ ଛଅଦିନ ଗଲାଣି; ରାତି ପାହିଲେ ସାତଦିନ । ଶହେ ସୁନାଫୁଲ ନପହଞ୍ଚାଇଲେ ରାଜାଘର କଣ୍ଟାରରେ ମୁଣ୍ଡକାଟ...

ସାଧବ ସାଧବାଣୀ ମନମାରିଦେଇ ପୋଡ଼ା ଭାଗ୍ୟକୁ ଯେମିତି ନିନ୍ଦା-କରି ବସିଥାନ୍ତି । ତାଙ୍କର ସ୍ୱପ୍ନମାନ ମୂହଁଟିମାନ ବିଷାଦରେ ମଳିନ । ଏଇ ସମୟରେ ସୁନାଫୁଲ କୋଉଠୁ ଖବର ପାଇ ସେଠି ଆସି ପହଞ୍ଚିଲା ।

Digitized by srujanika@gmail.com

ସାଧବ ସାଧବାଣୀଙ୍କର ଝରପଡ଼ୁଥିବା କେଉଁଟେର ଲୁହକୁ ପଣତ କାନରେ ପୋଛିଦେଇ କହିଲା—"ଆଗୋ ପିତାମାତା, କସ ପାଇଁ ତୁମେ ଘୂଳେଣି କରୁଛ ? ମୁହିଁ ରଜାଙ୍କ ବଗିଚ୍ଛରେ ଫୁଟି ତାଙ୍କୁ ଶହେ କ'ଣ, ଶହେ ଭର ସୁନାଫୁଲ ଦେବ । ତୁମେ ଏକଥା ଯାଇଁ ରଜାଙ୍କୁ ଜଣାକର ।"

ଝିଅ ମୁହଁରୁ ସେ କଥା ଶୁଣି, ସାଧବ ସାଧବାଣୀ ବଡ଼ ଖୁସି ହେଲେ । ଯତେ ଯିମିତ ତାଙ୍କ କାନରେ କଏ ଅମୃତ ବର୍ଷିଦେଲା ।

ସାଧବ ଯାଇଁ ସେ କଥା ରଜାଙ୍କୁ ଜଣାକରବାରୁ ରଜା ଆତୁର ଉଷତ ହେଲେ । ସେ କହିଲେ—"ଶୁଣ ହେ ସାଧବ ! ଯଦ ଏମନ୍ତ କଥା ଅଛି, ତେବେ ସୁନାଫୁଲକୁ ତୁମେ ମୋ ହାତରେ ସଅଁପି ଦଅ । ସେ ରଜରଣୀ ହେବ । ନଇତ ଫୁଟୁଥିବ । ନଇତ ହସୁଥିବ । ମୁଁ ଆନନ୍ଦରେ ଦେଖୁଥିବ । ତା'ର ଗୁଣଗାନ କରୁଥିବ ।"

ତା'ପରେ ବାଜଉଠିଲା ମଙ୍ଗଳ ଶଙ୍ଖ ।

ଢୋଲ, ମହୁର, ତେଲିଙ୍ଗି ବାଜା, ହୁଳହୁଳ ଧ୍ୱନରେ ଚଉଦଗ ଉଛୁଳଲା । ତାଆର ଭିତରେ ରଜାଙ୍କ ସାଥିରେ ସୁନାଫୁଲର ବାହାଘର ହୋଇଗଲା ।

ସୁନାଫୁଲ ଏଥର ରଣୀ ହୋଇ ସୁନା ସବାରରେ ବସି ଆସିଲା ରଜନବରକୁ ! ତା'ର ଯୋଡ଼ ଆଖିଝଲସା ତ୍ରିପୁରମୋହିନୀ ରୂପ···ସେ ରୂପର ଚନ୍ଦ୍ରଜହ୍ନଆରେ ରଜଉଆସ ଯିମିତ ଉଜଳଉଠିଲା । ନୂଆରଣୀଙ୍କ ତୁଳନାରେ ରଜାଙ୍କର ପାଟରଣୀ ଦେଖିବାକୁ ସେତେ ସୁନ୍ଦର ନଥିଲେ । ସୁନାଫୁଲକୁ ଦେଖି ତାଙ୍କ ମନରେ ଖୁବ୍ ଈର୍ଷା ହେଲା । ସେ ତାଙ୍କୁ ମନଭିତରେ ଦେଖିସହି ପାରୁନଥାନ୍ତି କ ମୁହଁ ଉପରେ ରଜାଙ୍କ ଡରେ କଛି କହିପାରୁନଥା'ନ୍ତି ।

ଦନକର କଥା । ବଡ଼ରଣୀ, ସାନରଣୀ ଦୁହେଁ ବେଣ୍ଟପୋଖରୀରେ ସିନାନ ସାରି ସାଙ୍ଗହୋଇ ଉଆସକୁ ଫେରୁଥାନ୍ତି । ଏହି ସମୟରେ ବାଟରେ ସୁଗନ୍ଧର କୁଅଟିଏ ପଡ଼ିଲା । ତାକୁ ଦେଖିପିବା ଲାଗି ବଡ଼ରଣୀ ସାନରଣୀଙ୍କୁ ଡାକିଲେ । ସୁନାଫୁଲ ବା ଏତେ ଛନ୍ଦକପଟ କାହୁଁ ବୁଝିବ ?

Digitized by srujanika@gmail.com

ସେ ଯିମିତ କୂଅ ପାଖକୁ ଯାଇଛି—ଥିଲେ ଥିଲେ ବଡ଼ରାଣୀ, ପଛରୁ ତାକୁ କୂଅ ଭିତରକୁ ଠେଲିଦେଲେ । କହିଲେ—"ଯାଆ ଲୋ ପୋଡ଼ାମୁହିଁ ; ସେ କୂଅ ଭିତରେ ଏବେ ସୁନାଫୁଲ ହୋଇ ଫୁଟୁଥା··· । ତୋ' ମୁହଁରେ, ତୋ' ରୂପରେ ନିଆଁ ପଡ଼ୁ ।"

ରାଜା ଏଣେ ସାନରାଣୀକୁ ଉଆସରେ ନଦେଖି ବଡ଼ ମନଦୁଃଖ କଲେ । କୁଆଡ଼େ ଗଲା ବୋଲି ଚାରିଆଡ଼େ ଚାର ପଠାଇ ଅନେକ ଖୋଜିଲେ । ମାତ୍ର ପାଇଲେ ନ···!

ଦିନକର, ରାଜାଙ୍କର ମାଳୀ ଦେଖିଲା—କୂଅ ଭିତରୁ ସୁନା ଲତାଟିଏ ପଦାକୁ ମୁହଁ କାଢ଼ିଛି । ତା' ଦେହରେ ଲଦି ହୋଇଛି ଅସୁମାର 'ସୁନାଫୁଲ' । ସେ ସେଥିରୁ କେତୋଟି ଫୁଲ ତୋଳି ଯାଇ ରାଜାଙ୍କ ପାଖରେ ପହଞ୍ଚିଲା । ସବୁ ବୃତ୍ତାନ୍ତ କହିଲା ।

ରାଜା ଆସି ଦେଖିଲେ କଥାଟି ସତ । ସେ ତ ପୂର୍ବରୁ ସୁନାଫୁଲ ସମ୍ପର୍କରେ ସବୁକଥା ଜାଣିଥିଲେ । କୂଅ ଭିତରୁ ସୁନାଫୁଲର ଡାଳଟିଏ ଆଣି, ସେ ତହିଁ ଉଆସରେ ପୋତିଦେଲେ । ତା'ପରେ ଡାକଲେ—"ଉଠ ଗୋ ସୁନାଫୁଲ । ସପନ ଭାଙ୍ଗ ।"

ରାଜାଙ୍କ ପାଟିରୁ କଥା ସରିନ···ସେ ଗଛ ଭିତରୁ ସ୍ୱଦେହରେ ହସି ହସି ବାହାରି ଆସିଲା ସୁନାଫୁଲ । ରାଜା ତା'ଠାରୁ ବଡ଼ରାଣୀ ବିଷୟରେ ସବୁକଥା ଶୁଣି ଖୁବ୍ ଖପ୍‌ପା ହୋଇଉଠିଲେ । ସଙ୍ଗେ ସଙ୍ଗେ ଆଦେଶ ଦେଲେ––"ବଡ଼ରାଣୀର ନାକ କାଟି, ମୁଣ୍ଡକୁ ଲଣ୍ଡା କରି ତାକୁ ଘୋଡ଼ାଶାଳ ନାଣ୍ଡୀ କରିଦିଅ ! ଅନ୍ୟକୁ ଆଘାତ ଦେଲେ ଯେ କି କଷ୍ଟ ହୁଏ—ସେକଥା ସେ ବୁଝୁ ।"

ଏତକବେଳେ ସୁନାଫୁଲ ରାଜାଙ୍କର ହାତ ଧରି କହିଲେ—"ନା ମଣିମା, ସପତଣୀକୁ ମୋର ସେ ଦଣ୍ଡ ନୁହେଁ ଆଉ ଗୋଟିଏ ଦଣ୍ଡ ଦିଅ । ସେ ଦଣ୍ଡର ନାଆଁ ହେଉଛି 'କ୍ଷମା' । ଭଲ ପାଇବା, ପ୍ରେମ, କ୍ଷମାଠାରୁ ବଳ ଆଉ କୌଣସି ବଡ଼ ଦଣ୍ଡ ଏ ଦୁନିଆରେ ନାହିଁ । ଦେଖିବ ସେଇ କ୍ଷମା ବଳରେ ଅପାଙ୍କର ଏ ଗୁଣ ବଦଳିଯାଇ ସୁଗୁଣ ଉଜଳି ଉଠିବ ।"

—"ସୁନାଫୁଲ ।"

Digitized by srujanika@gmail.com

—"ହଁ ମଣିମା, ମୋର ଏକା ଏକା ସୁଖ ଲୋଡ଼ା ନାହିଁ । ତା' ସହିତ ଭଉଣୀନିଏ ମଧ୍ୟ ଲୋଡ଼ା !"

ସେ କଥା ଶୁଣି ରାଜା ସୁନାଫୁଲର ଦରଆମଉିର ଗମ୍ଭୀର ଜଳ ପରି ନୀଳ ନୀଳ ଆଖି ଦୁଇଟିକୁ ଚାହିଁଲେ । ଆଃ, ସେ ଆଖିରେ ସତେ କେତେ କଥା ଲେଖାହୋଇଛି ! ଏଥର ସେ ତୁଣ୍ଡ ଖୋଲିଲେ "ସୁନାଫୁଲ,

[ରାଜାଙ୍କ ଡାକ ଶୁଣି ସୁନାଫୁଲ ରାଣୀ ଗଛରୁ ନିଜ ଦେହ ଫେରି ପାଇଛନ୍ତି]

Digitized by srujanika@gmail.com

ମୁଁ ରାଜା ସତ, କିନ୍ତୁ ତୁମଠାରୁ ମୋର ଅନେକ କିଛି ଶିଖିବାର ଅଛି । ତୁମେ ଯେମିତି ପରକୁ ଆପଣାର କରି ଶିଖିଛ···ମୁଁ ସେମିତି ସମସ୍ତଙ୍କୁ ଆଜିଠାରୁ ଆପଣାର କରି ଶିଖିବି ।''

ଏହା କହି ତା'ପରେ ସେ ବଡ଼ରାଣୀଙ୍କୁ କ୍ଷମା ଦେଲେ ।

ଦୁଇ ରାଣୀଙ୍କୁ ଘେନି 'ରାମରାଜ୍ୟ' କଲେ ।

●

ସାତ ଭାଇରେ ସେଇ ଏକା ନାଆଁଟି ତା'ର ଚମ୍ପା

ସାଧବଟିଏ । ତା'ର ସାତ ପୁଅରେ ଗୋଟିଏ ବୋଲି ସୁନାନାକି ଝିଅ । ଅତି ଗେଲବସରି ସେ । ରୂପରେ ଗୁଣରେ କେଉଁଠି ଟିକିଏ ଖୁଣ ନାହିଁ । ବାପ, ମାଆ, ଭାଇ, ଭାଉଜ ସମସ୍ତଙ୍କର ସେ ନୟନତାରା, ଦୁଃଖ-ପାସୋରା । ପିଲାଟିଦିନୁ ବାହାହୋଇ ବାପଘରେ ଅଛି । ଶାଶୁଘରକୁ ଏଯାଏ ଯାଇନି—

ଦିନକର କଥା । ଭାଉଜମାନେ ଯେଝା କାମରେ ଲାଗିଥାନ୍ତି । ଚମ୍ପାକୁ କହିଲେ—''ଯିବଟି ସୁନାନଣନ୍ଦ, ସାନଭାଇ କୁଣିଆ ଘରୁ ଆସୁଥିବେ, ଶାଗ କେତିଏ ଖରଡ଼ି ଦେବ ।'

ଚମ୍ପା ଖଣ୍ଡିଏ ଟୁକୁରି ଧରି । ଭାଉଜମାନଙ୍କ ପାଟିରୁ କଥା ନସରୁଣୁ ସେ ଧାଇଁଗଲା ଶାଗ ଖରଡ଼ିବାକୁ । ତରବରରେ ଶାଗ କାଟୁ କାଟୁ ତା'ର ଗୋଟିଏ ଆଙ୍ଗୁଠିରୁ ଟିକିଏ କଟିଗଲା । ଧାର ଧାର ଲହୁ ବୋହିଲା । ସେ ଆଉ କିଛି···ଉପାୟ ନପାଇ···ସେ ଲହୁକୁ ଶାଗରେ ଗୋଳେଇପୋଳେଇ ଖରଡ଼ି ବସିଲା ।

Digitized by srujanika@gmail.com

କିଛି ସମୟ ପରେ ତା'ର ସାନଭାଇ ଆସି ପହଞ୍ଚିଲେ । ପିଢ଼ାପାଣି ଥୋଇ ସେ ଭାତ ବାଢ଼ିଦେଲା ।

ସାନଭାଇ ତା'ର ଖାଇବସିଲେ—"ଆଃ, ଆଜ ଶାଗଖରଡ଼ାଟା କେଡ଼େ ସୁଆଦ ଲାଗୁଛି ମ··· । କିଏ ଏ ଶାଗ ଖରଡ଼ ଥିଲା ?" ପଚାରିଲେ ସାନଭାଇ ।

ବଡଭାଉଜ କହିଲା—"ତୁମର ଗେହ୍ଲା ଭଉଣୀ ଚମ୍ପା । ଶାଗ କାଟୁ କାଟୁ ହାତ କଟିଗଲା ଯେ ସେଇ ଲହୁକୁ ସେଥିରେ ଗୋଳେଇଘୋଳେଇ ସେ ଶାଗ ଖରଡ଼ ଥିଲା ।"

ତହୁଁ ସାନଭାଇ ମନରେ ଭାବିଲା—"ଚମ୍ପାର ରକତ ଯେବେ ଏଡ଼େ ସୁଆଦ ତେବେ ତା'ର ମାଉଁସ କେଡ଼େ ସୁଆଦ ହୋଇନଥିବ ?"

ତା' କିଛିଦିନ ପରେ ଚମ୍ପାର ଶାଶୁଘରୁ ହଳଦିଆ ପତର ଆସିଲା । ସେ ଶୁଭଦିନରେ ଶାଶୁଘରକୁ ଯିବ ।

ସାନଭାଇ କହିଲା—"ଚମ୍ପାକୁ ସଜ କରିଦିଅ, ମୁଁ ତାକୁ ନେଇ ଛାଡ଼ିଦେଇ ଆସିବି ।"

ଚମ୍ପା ଏଥର ସଜ ହେଲା । ଆଜଠୁ ବାପଘରୁ ତା'ର ଗେଲବସର ଦିନ ସରିଯାଉଛି । ଲୁହ ଛଳଛଳ ଆଖିରେ ସେ ସମସ୍ତଙ୍କଠାରୁ ବିଦାୟ ନେଇ ଚାଲିଲା ଶାଶୁଘରକୁ । ସାନଭାଇ ଉଖୁଡ଼ା ଗଣ୍ଠିଟି କାନ୍ଧରେ ପକାଇ ଆଗେ ଆଗେ ଚାଲିଥାଏ ।

ଗଲା ବାଟରେ ଅଗଣାଅଗଣ ବନସ୍ତଟିଏ ପଡ଼ିଲା । ଘୋର ନାହିଁ କି ଶବଦ ନାହିଁ । କୁଆ ନାହିଁ କି କୋଇଲି ନାହିଁ ! ଭାରି ନିକାଞ୍ଚନ ସେ ବଣ ।

ସେଇ ବଣରେ···ଜାଗାଏ ଭାଇ ତା'ର ଅଟକିଲା । ଖଣ୍ଡପଣ କରି ଜାମା ମୁଣିରେ ହାତହତିଆର, ଛୁରୀ, କଟୁରି ସେ ଲୁଚେଇକରି ଆଣିଥାଏ । ଧୀରେ ଧୀରେ ଚମ୍ପା ପାଖକୁ ଯାଇଁ ଟଣ୍ କରି ଭୁସେଟେ ଦେଲା ତା' ବେକରେ । ଦେଖୁ ଦେଖୁ ଚମ୍ପା ମରିଯାଇ ତଳେ ଶୋଇଲା । ସେଉଠୁ ସାନଭାଇ କ'ଣ କଲା ନା—ତା' ଚମଡ଼ା ଉତାରି, ହାଡ଼ଯାକ ଫିଙ୍ଗି କେବଳ ତା' ମାଉଁସକୁ ନେଇ ଘରକୁ ଚାଲିଗଲା ।

Digitized by srujanika@gmail.com

ଘରେ ପହଞ୍ଚି କହିଲା—"ମୁଁ ଚମ୍ପାକୁ ତା' ଶାଶୁଘରେ ଛାଡ଼ିଦେଇ ଆସିଲି । ବାଟରୁ ମିରଗ ସାଗୁଆଡ ଆଣିଛି, ଏହାକୁ ନେଇ ଚଞ୍ଚଳ ତରକାରି କର ।"

କଏ ବୁଝୁଛି ସେ ମିରଗ ମାଉଁସ କି ଚମ୍ପା ମାଉଁସ ? ମାଉଁସ ରନ୍ଧାଗଲା । ସମସ୍ତେ ଖାଇପିଇ ରହିଲେ ।

ଏଣେ କ'ଣ ହୋଇଛି—ଚମ୍ପାର ଯେଉଁ ହାଡ଼ସବୁକୁ ଭାଇ ତା'ର ବଣ ଭିତରେ ଫୋପାଡ଼ ଦେଇ ଆସିଥିଲା ସେଥିରୁ ଦିନେ ଗୋଟିଏ ସୁନ୍ଦର ଚମ୍ପାଗଛ ଉଠିଲା । କିଛିଦିନ ପରେ ସେ ଗଛରେ ମହମହ ଚମ୍ପାଫୁଲ ସବୁ ଲଦିହୋଇ ପଡ଼ିଲା । ତା' ବାସନାରେ ବଣ ଭୂମି ମହକିଗଲା ।

ଯେଉଁଦିନକୁ ହଳଦିଆ ପତର ଦିଆଯାଇଥିଲା, ସେଦିନକୁ ଚମ୍ପା ଶାଶୁଘରକୁ ନଆସିବା ଦେଖି ତା'ର ଶଶୁର ବଡ଼ ଘନେଣିରେ ପଡ଼ିଲେ । ଆଜି କ'ଣ ବୋହୂ ଦେହରେ ଭଲ ନାହିଁ । ଇମିତ ନାନାଦି ଅବୁଝା କଥା ତାଙ୍କ ମନକୁ ଛୁଇଁଲା । ସେ ସାଥିରେ ଜଣେ ବାରିକକୁ ଧରି ବାହାରିଲେ ବୋହୂକୁ ଆଣିବାକୁ ।

ଗଲା ବାଟରେ ସେଇ ବଣ ପଡ଼ିଲା । ଏଡ଼େ ସୁନ୍ଦର ଚମ୍ପାଫୁଲ ବାରିକ କେବେହେଲେ ତା' ଜୀବନରେ ଦେଖିନଥିଲା । ତା'ର ଲୋଭ ବଳିଲା ସେ ଗଛରୁ ଚମ୍ପାଫୁଲ ତୋଳିବାକୁ । ସେ କହିଲା ସାଆନ୍ତେ, ଦଣ୍ଡେ ଅପେକ୍ଷା କର, ମୁଁ ଏ ଗଛରୁ ଦୁଇଟି ଫୁଲ ତୋଳିନିଏ । ଏହା କହି ସେ ଗଛରୁ ଫୁଲ ତୋଳିବାକୁ ହାତ ବଢ଼େଇଲା ।

ଏଇ ସମୟରେ ସେ ଚମ୍ପାଗଛଟି ଧୀର ପବନରେ ଧୀରେ ଧୀରେ ଦୋହଲୁ ଦୋହଲୁ ଗାଇଲା –

"ଥିର ଥିର କରି ତୋଳ ହେ ବାରିକେ,
ଗଛରୁ ପତର ଝଡ଼ୁଛି...
ଆମ ସାନଭାଇ ଖଣ୍ଡାରେ ହାଣିଛି
ତା ଦେଖି ମୋ ଦେହ ଥରେଟି ।"

ଏ ଚମ୍ପାଗଛଟି ମଣିଷ ପରି ଗୀତ ଗାଉଛି ? କି ଆଚମ୍ବିତ କଥା ? ଏ ଗୀତ ପୁଣି ଇମିତ କଅଣ...ଶୁଣିଲେ ଆଖିରେ ଲୁହ ରହୁନ ।

Digitized by srujanika@gmail.com

ସେଥିପାଇଁ ସାଆନ୍ତଙ୍କୁ ଡାକି ବାରିକ କହିଲା—"ସାଆନ୍ତେ, ତୁମେ ହାତ ବଢ଼ାନ୍ତ, କ'ଣ ହେଉଛି ଦେଖିବା ?"

ସାଆନ୍ତେ ସେତେବେଳକୁ ଚମ୍ପାଗଛର ଗୀତ ବୋଲିବା ଶୁଣି କାବା ହୋଇଯାଇଥିଲେ । ତଥାପି ସେ ଯେମିତି ଯାଇ ଫୁଲ ତୋଳିବାକୁ ହାତ ବଢ଼ାଇଛନ୍ତି, ଚମ୍ପାଗଛ ପୁଣି ତା'ର ସେଇ ଦରଦୀ ଗୀତଟି ଗାଇଲା—

"ଥିର ଥିର କରି ତୋଳ ହେ ସାଆନ୍ତେ,
ଗଛରୁ ପତର ଝଡ଼ୁଛି...
ଆମ ସାନଭାଇ ଖଣ୍ଡାରେ ହାଣିଛି
ତା' ଦେଖି ମୋ ଦେହ ଥରୁଛି ।"

ସାଆନ୍ତେ ଆଉ ଫୁଲ ତୋଳିବେ କ'ଣ—ସେ ଗୀତଟି ଶୁଣି ଯେମିତି ବଜ୍ର ତାଙ୍କର କୋହରେ ଯେମିତି ଫାଟିପଡ଼ିଲା । ଚମ୍ପାଫୁଲ ବଦଳରେ ଚମ୍ପାବୋହୂ ତାଙ୍କର ବେଶି ମନେପଡ଼ିଲା । ସେ ସଅଳ ସଅଳ ତା' କଥା କ'ଣ ଜାଣିବାପାଇଁ ସମୁଦୀ ଘରେ ପହଞ୍ଚିଲେ ।

ଚମ୍ପା ଶଶୁରଙ୍କଠାରୁ ସବୁକଥା ଶୁଣି ବୁଢ଼ା ସାଧବ ହତବାକ୍ ହୋଇ ଗଲେ । କହିଲେ—"ସମୁଦୀ, ମୁଁ ତ ତମରି ବୋହୂକୁ ସାନପୁଅ ହାତରେ ସେଦିନରୁ ପଠେଇ ସାରିଲିଣି, ତୁମେ ଆଜି ଆସି ଏକଥା କହୁଛ କ'ଣ ?"

ଚମ୍ପା ଶଶୁର ମୁଣ୍ଡରେ ଯତେ ଯେମିତି ଆକାଶ ଛିଡ଼ିଲା । ସେ ମନେ ମନେ ଭାବିଲେ ମୁଁ ତେବେ ଯାହା ଭାବିଥିଲି ସେମିତି କିଛି ଘଟିଛି । ସେଥିପାଇଁ ସେ ବାଟରେ ଦେଖି ଆସିଥିବା ଚମ୍ପାଗଛଟି କଥା ସମୁଦୀଙ୍କୁ କହି ସମସ୍ତଙ୍କୁ ଡାକିନେଲେ ସେ ଗଛକୁ ମୂଳକୁ ।

ଗଛମୂଳେ ପହଞ୍ଚି ସେ ପ୍ରଥମେ ବଡ଼ଭାଇକୁ ଚମ୍ପାଗଛରୁ ଫୁଲ ତୋଳିବା ପାଇଁ ପଠାଇଲେ । ତଥାପି ବଡ଼ଭାଇ ଯେମିତି ଯାଇ ଫୁଲକୁ ହାତ ବଢ଼ାଇଛି...ଚମ୍ପାଗଛଟି ଏଇ ସମୟରେ ପୁଣି ଗାଇଲା—

"ଥିର ଥିର କରି ତୋଳ ଗୋ ଭାଇ,
ଗଛରୁ ପତର ଝଡ଼ୁଛି...

Digitized by srujanika@gmail.com

ଆମ ସାନଭାଇ ଖଣ୍ଡାରେ ହାଣିଛୁ
ତା' ଦେଖି ମୋ' ଦେହ ଥରେଟି ।''

ଇମିତ ଇମିତ ଯେଉଁ ଭାଇ ହାଣିଛୁ ତାକୁ ଛାଡ଼ ଆଉ ସବୁ ଭାଇଯାକ ହାତ ବଢ଼ାଇଲେ । ସାତ ଭାଉଜ, ବାପ, ମାଆ ସମସ୍ତେ ହାତ ବଢ଼ାଇଲେ । ଚମ୍ପାଗଛ ସମସ୍ତଙ୍କୁ ସେହିପରି କହିଲା । ଶେଷରେ ଯେଉଁ ସାନଭାଇ ହାଣିଥିଲା ସେ ଗଲା ତୋଳିବାକୁ । ତହୁଁ ଚମ୍ପାଗଛ ଗାଇଲା—

''ଥିର ଥିର କରି ତୋଳ ଗୋ ଫୁଲ
ଗଛରୁ ପଡ଼ରି ଝରେଟି···
ତୁମେ ଯେତେବେଳେ ଖଣ୍ଡାରେ ହାଣିଛ
ସେ ଲାଗି ମୋ ଦେହ ଥରେଟି ।''

ଯା' ଦେଖି, ସାନଭାଇ କି ସେଠାରେ ଆଉ ଦଣ୍ଡେ ରହେ ? ତା'ର ସବୁ ଫିସାଦ ଧରା ପଡ଼ିଗଲା । ସେ ଏକମୁହାଁ ହୋଇ ଘରକୁ ଚାଲିଗଲା ।

ଏଣେ ଚମ୍ପାର ଶଶୁର, ବାଳକ, ବାପାବୋଉ, ଭାଇଭାଉଜ-ମାନେ···ସମସ୍ତେ ବିକଳ ହୋଇ ଚମ୍ପାର ଗୁଣ ସୁମରି କାନ୍ଦୁଥାନ୍ତି । ସେ କାନ୍ଦଣା ଲହରୀରେ ବଣଭୂଇଁ ଦୁଲୁକି ଯାଉଥାଏ !

ଯୋଗକୁ ଏଇ ସମୟରେ ବୃଷଭ ପିଠିରେ ବସି ଶିବ ପାର୍ବତୀ ଯାଉଥାନ୍ତି ଆକାଶରେ···

ସେ କାନ୍ଦଣା ଶୁଣି ପାର୍ବତୀ ଶିବଙ୍କୁ କହିଲେ—ଚାଲ ତ ସେ ବଣରେ ଏତେ ଲୋକ ରୁଣ୍ଡ ହୋଇ କାହିଁକି କାନ୍ଦୁଛନ୍ତି, କ'ଣ ହୋଇଛି ଦେଖିବା ? ତହୁଁ ସେଠାରେ ଓହ୍ଲାଇ ସେମାନଙ୍କ ପାଖକୁ ଯାଇ ପଚାରିଲେ—''କିଏ ତୁମେମାନେ ? କାହିଁକି ଏ ନିକାଞ୍ଚନ ବଣରେ ବସି ଇମିତି ରୋଦନ କରୁଛ ?''

ତାଙ୍କ କଥା ଶୁଣି ଚମ୍ପାବତୀ କଥା ସମସ୍ତେ ତାଙ୍କୁ କାନ୍ଦି କାନ୍ଦି କହିଲେ ।

ତହୁଁ ଈଶ୍ୱର ପାର୍ବତୀ କହିଲେ—''ତୁମେ ଆଉ ଏଥିପାଇଁ ଚିନ୍ତା କରନା । ଏଇ ଦେଖ, ଆମେ ତାକୁ ସଙ୍ଗେ ସଙ୍ଗେ ବଞ୍ଚାଇ ଦେଉଛୁ ।''

Digitized by srujanika@gmail.com

ଏହା କହି ସେ ଚମ୍ପାଗଛ ଉପରେ ମନ୍ତ୍ରପୂତ ପାଣି ଛିଞ୍ଚି ଦିଅନ୍ତେ, ଦେଖୁ ଦେଖୁ ଗଛଟା ପୁଣି ସୁନ୍ଦର ଝିଅଟିଏ ପାଲଟିଗଲା !

ଶିବ ପାର୍ବତୀ ତାଙ୍କ ବାଟରେ ଗଲେ । ଏଥର କ'ଣ ଦେଖିବ ସମସ୍ତଙ୍କର ଆନନ୍ଦ । ଶଶୁର ବୋହୂକୁ ନେଇ ତା' ଘରକୁ ଗଲା । ସାଧବ ବୁଢ଼ା, ଆଉ ସବୁ ପୁଅ ବୋହୂଙ୍କୁ ନେଇ ସେ ମଧ୍ୟ ତା' ଘରକୁ ଫେରି-ଆସିଲା ।

ଘରେ ପହଞ୍ଚି ଛଅଭାଇ, ବାପ ବସି ସାନଭାଇର ବିଚାର କଲେ ।

ଭାଇ ହୋଇ ସାନଭଉଣୀକୁ ସ୍ନେହ କରିବା କଥା । ତା' ନକରି ଏ ଦୁଷ୍ଟ ରାକ୍ଷସ ପରି ତାକୁ ଜୀବନରେ ବଧ କରିଛି । ନା'—ଏହାକୁ ଗୋଟିଏ ଝୋପର ଖୋଳ ତା' ଭିତରେ ଉପରକଣ୍ଟା ତଳକଣ୍ଟା ଦେଇ ମାଟି ଚଲେଇଦିଅ ।"

ଦେଖୁ ଦେଖୁ ସମସ୍ତେ ମିଳି ସାନଭାଇକୁ ସେଇଆ କଲେ ।

ମୋ କଥାଟି ଏତିକ, ଫୁଲ ଫୁଟିଗଲା କେତକୀ ।

●

ଟିପ୍ପଣୀ :

ଦୁନିଆରେ ଯାହା କଳ୍ପନାତୀତ, ସେମିତି ଅପରାଧ ପ୍ରତିଦିନ ଏ ସମାଜରେ ଘଟୁଛି । ଭଉଣୀର କଞ୍ଚାମାଂସରେ ଭୋଜ ଖାଉଥିବା, ଭୋଜ ଦେଉଥିବା ଜହ୍ଲାଦ ଭାଇମାନେ ସେ ଯୁଗରେ ଥିଲେ···ଏବେ କ'ଣ ନାହାନ୍ତି ? ପ୍ରତି ଗଳି ପ୍ରତି ସହରରେ ତାଙ୍କର ସଂଖ୍ୟା କ୍ରମଶ ବଢି-ଚାଲିଛି ପଛେ କମିବାର ନାହିଁ । କଥାଟା ଲୋକଚକ୍ଷୁରେ ଅପ୍ରିୟ ବା ଅଶୋଭନ ବୋଲି—'ଲୋକକଥା' ସେଥିଲାଗି ସତ୍ୟ ଭିତ୍ତି ହୋଇ-ଯାଇନ କି ରକ୍ତମାଂସ ଜୀବନଠାରୁ ପଳାଇ ଯାଇ ବୃଥା ଆଦର୍ଶର ଘୋଡ଼ଣୀରେ ନିଜକୁ ଲୁଚାଇ ରଖିବାକୁ ଚେଷ୍ଟା କରିନ । ଲେଖକ ଜର୍ମାନ, ଇଣ୍ଡୋନେସିଆ, ଇଟାଲୀ, ଗ୍ରୀକ୍, ସୁଇଡାନ୍, ଚୀନ୍, କୋରିଆ,

Digitized by srujanika@gmail.com

ଭୁଟାନ, ଜାପାନ, କାମ୍ବୋଡ଼ିଆ, ବ୍ରହ୍ମଦେଶ, ରୁଷ, ଆୟାରଲଣ୍ଡ ପ୍ରଭୃତି ଅନେକ ଦେଶର ଲୋକକାହାଣୀ ପଢ଼ିଛୁ । କେଉଁଠିହେଲେ…ଏମିତି କାହାଣୀର ଦୃଷ୍ଟାନ୍ତ 'ଇପ୍‌ସିପାହାଡ଼ର ରାଜକୁମାରୀ' ଶୀର୍ଷକ ସ୍ୱୀଡାନର ଏକ କାହାଣୀ ଲେଖକର ଦୃଷ୍ଟିକି ଆସିଛି । କିନ୍ତୁ ଶେଷବେଳକୁ କାହାଣୀଟିକୁ ମଧୁର ଏବଂ ତା'ର ପାଠପାଠିକାଙ୍କୁ ଖୁସି କରିବା ଲାଗି ତାକୁ ଆଦର୍ଶର ଘୋଡ଼ଣୀରେ ଢାଙ୍କି ଦିଆଯାଇଛି ।

ଲୋକକଥାରେ ଓଡ଼ିଶାର 'ପକ୍ଷୀ'

ଶାଙ୍ଖଚିଲକୁ ପିଲାଏ ଶ୍ରଦ୍ଧା କରନ୍ତି କାହିଁକି ?

ଅନେକ ଦିନ ତଳର କଥା । ଗୋଟିଏ ରାଇଜରେ ଜଣେ ରାଜା ଥିଲେ, ଭାରି ବଢ଼ିଆ ରାଜା । ତାଙ୍କ ଶାସନ କାଳ ଭିତରେ ନିଜ ଜାଣତରେ ସେ କାହାରି ପ୍ରତି କେବେ ଅନ୍ୟାୟ କରିନାହାନ୍ତି । ଧର୍ମ ବାଟ ଛାଡ଼ି, ଆଉ ଅବାଟରେ ଯାଇନାହାନ୍ତି । କୌଣସି ଲୋଭ ତାଙ୍କୁ ସତ୍ୟପଥରୁ ଦୂରେଇ ନେଇଯାଇନି । ଏମନ୍ତ ସୁନ୍ଦର ରାଜା । ଦୁଇରାଣୀ । ହେଲେ କ'ଣ ହେବ ତାଙ୍କର ପୁଅ ଝିଅ କିଛି ନାହାନ୍ତି । ସେଥିଲାଗି ରାଜାଙ୍କ ମନରେ ସବୁବେଳେ ଅବଶୋଷ । ଉଆସ ଖାଁ ଖାଁ ଗୋଡ଼ାଏ ! କ'ଣ କରିବେ....ଭାଗ୍ୟରେ ଥିଲେ ତ ?

ସାନରାଣୀ ଖୁବ୍ ଶିବଭକ୍ତ । ପିଲାଟିଏ ଲାଗି ନିଇତି ସେ ଶିବପାର୍ବତୀଙ୍କୁ ଡାକୁଥାନ୍ତି । ଶେଷକୁ ଠାକୁର ତାଙ୍କର ଗୁହାରି ଶୁଣିଲେ । ସମସ୍ତେ ଜାଣିଲେ ସାନରାଣୀ ଆଉ କେଇଦିନେ ପିଲାର ମା' ହେବ ।

Digitized by srujanika@gmail.com

ବଡ଼ରାଣୀଟା ବଡ଼ ଖଳେଇ । ସେ କାହାରିକୁ ଦେଖି ସହି-ପାରେନାହିଁ । ସବୁବେଳେ ସାନରାଣୀର ମନ୍ଦ ପାଞ୍ଚୁଥାଏ । ସେ ଯେତେବେଳେ ଶୁଣିଲା—ସାନରାଣୀ ମାଆ ହେବାକୁ ଯାଉଛି, ତା' ମୁଣ୍ଡରେ ବଜ୍ର ମାଡ଼ପଡ଼ିଲା । ସାନରାଣୀର ତ ପୁଅ ହେଲେ ସେ 'ରାଜାମାତା' ବୋଲାଇବ, ରାଜାଙ୍କର ସୁହାଗୀ ହେବ । ତାକୁ ଆଉ କିଏ ଗଣିବ ?

ତେବେ କ'ଣ କରିବ ? ମନ କଥା ମନରେ ମାରିଥାଏ । ହଠାତ୍ ରାଜା ଉଆସରେ ନଥାନ୍ତି । ଏଇବେଳରେ ସାନରାଣୀର ହବ୍ୟସୁନ୍ଦର ଝିଅଟିଏ ହେଲା । ଝିଅଟିକୁ ଜନ୍ମଦେଇ ରାଣୀ ଅଚେତ ହୋଇପଡ଼ିଥାନ୍ତି । ବଡ଼ରାଣୀ ତ ନାନା କୂଟକପଟ ଜାଣିଥାଏ । ସେ ଦାସୀ ପୋଇଲୀ କ ହାତକରି ଝିଅଟିକୁ ଅନ୍ତୁଡ଼ିଶାଳରୁ ନେଇ ଆସିଲା । ତା' ଥାନରେ କାଠର କଣ୍ଢେଇଟିଏ ଥୋଇଦେଲା !

ଏବେ ଭାଳେଣି ପଡ଼ିଲା, ଝିଅଟାକୁ କରିବ କ'ଣ ? ଭାବି ଭାବି ସେ ତା'ର ଗୋଟିଏ ବିଶ୍ୱସ୍ତ ପୋଇଲୀକି ଡାକିଲା । କହିଲା—"ଆଲୋ, ଯେବେ ସୁଖରେ ରହିବାର ଇଚ୍ଛା ଅଛି, ମୁଁ ଯାହା କହୁଛି, ତାହା କର । ୟା'କୁ ନେଇଯା—ମଶାଣିପଦାରେ ପକାଇଦେଇ ଆସିବୁ ।"

ପୋଇଲୀର ଏବେ ଉପାୟ କ'ଣ ? ସେ ନେଇ ତାକୁ ମଶାଣି-ପଦାରେ ପକାଇଦେଇ ଆସିଲା । ଝିଅଟି ମଶାଣିପଦାରେ ପଡ଼ି କୁଆଁ କୁଆଁ ହୋଇ କାନ୍ଦୁଥାଏ । ପାଖରେ ଗୋଟିଏ ବରଗଛ ଥାଏ । ସେଇ ଗଛରେ ଶଙ୍ଖଚିଲଟିଏ ଏକାକି ବସା ବାନ୍ଧି ରହିଥାଏ । ପିଲାଟିର ବିକଳ କାନ୍ଦଣା ଶୁଣି ତା' ମନରେ ଦୟା ହେଲା—"ଆହା ଉଚ୍ଛୁଆଣୀ ଛୁଆଟା କେଡ଼େ କଷ୍ଟ ପାଉଛି ! ଯତ୍ନ ନେଲେ ଅବା ବଞ୍ଚିଯାଆନ୍ତା !" ଇମିତି ଭାବି ଶଙ୍ଖଚିଲ ସେ ଝିଅକୁ ତା' ବସାକୁ ନେଇଯାଇ ବଡ଼ ଯତ୍ନରେ ପାଳିଲା । ଯୋଜନ୍ ଯୋଜନ୍ ହେଲେ ତା' ଲାଗି ଦୁଧ ଯୋଗାଡ଼ କରି ଆଣିଲା । ମହୁଫେଣାରୁ ମହୁ ଆଣି ଚଟେଇଲା । କୌଣସି ପ୍ରକାରେ ଝିଅଟି ବଞ୍ଚିଗଲା ।

ଶଙ୍ଖଚିଲ ତା' ଜୀବନ ରଖିଛି । ପିଲାଦିନରୁ ସେ ଶଙ୍ଖଚିଲକୁ ମା' ବୋଲି ଜାଣେ । ଶଙ୍ଖଚିଲ ବି ସିମିତି ତାକୁ ଭଲପାଏ । ତା' ଜୀବନଠାରୁ

Digitized by srujanika@gmail.com

ବଳ ଅଧିକ ପ୍ରିୟ ସେ ତା'ର । ଧନ ନାହିଁ କ ଗଣ୍ଡ ନାହିଁ ସବୁବେଳେ ସେଇ ସୁକୁମାରୀ ଝିଅଟି କଥା ସେ ଭାବୁଥାଏ । ତାକୁ କୁଟା ଖଣ୍ଡିକ ଦ'ଖଣ୍ଡ କରେଇ ଦଏନ । ଯେତେ କଷ୍ଟ ପଡ଼ୁ ପଛେ ନିଜେ ସବୁ କାମ କରେ । ଝିଅଟି ହାତରୁ କାମ ଛଡ଼େଇଲେ ଗେହ୍ଲେଇ କରି କହେ—"ତୁ' ମୋର ଗେଲବସରୀ ଝିଅଟା, ତୁ ଗୋଟାଏ କାମ କରିବୁ କ'ଣ ? ତୁ ଖାଲି ମୋ' ହାତକୁ ଅନେଇ ଦେଖ୍ କାମ କମିତି ହେଉଛୁ !"

ଇମିତି ଇମିତି ଶଙ୍ଖଚଲର ସ୍ନେହ ଆଦର ଭିତରେ ଲବଣୀ-ପିତୁଳା ଝିଅଟି ପୁନଅଁ ଜହ୍ନ ପରି ବଢ଼ିବାରେ ଲଗିଲା । ତାକୁ ଯେତେବେଳେ ଷୋଳ ବରଷ ହେଲା, ସୁନ୍ଦରପଣରେ ସେ ସମସ୍ତଙ୍କୁ ବଳିଲା । ସତେ କ ସରଗର ପରୀଟିଏ ବାଟବଣା ହୋଇ ମରତକୁ ଚାଲିଆସିଛି । ଯିଏ ତାକୁ ଦେଖିବ ସେ ନିଶ୍ଚୟ କହିବ ଇଏ ଗୋଟାଏ ବଡ଼ଘରର ଝିଅ । ଶଙ୍ଖଚଲ ମା' ତାକୁ ଏମିତି ଚାଲିଚଳନ, ଆଚାର ବ୍ୟବହାର ଶିଖେଇଥାଏ ଯେ ଗୋଟିଏ ରାଜାର ଝିଅ ମଧ୍ୟ ସେତିକ ଶିକ୍ଷାଦୀକ୍ଷା ପାଇନଥିବ !

ଦନକର ଗୋଟିଏ ସାଧବ ପୁଅ ସେଇବାଟେ ଘୋଡ଼ାରେ ଚଢ଼ି ଯାଉଯାଉ ସେଇ ପରମାସୁନ୍ଦରୀ ଝିଅଟିକୁ ଦେଖିଲା । ଝିଅଟିର ରୂପ ଦେଖି ତା'ର ଆଖି ଲାଖିଗଲା । ସେ ତାକୁ ବାହା ହେବାକୁ ଇଚ୍ଛା କଲା ।

ଶଙ୍ଖଚଲ ଯେତେବେଳେ ଏ କଥା ଶୁଣିଲା—ସେ ଭାରି ଖୁସି ହେଲା । ଧନୀ ସାଧବର ପୁଅ ତା'ର ଜ୍ୱାଇଁ ହେବ, ଏ କ'ଣ କମ୍ ଆନନ୍ଦର କଥା ! ସେ ସେଉଠୁ ଝିଅକୁ ବାହାକରିବା ଯୋଗାଡ଼ରେ ଲାଗିପଡ଼ିଲା । ବାଛିବାଛି ତା'ପାଇଁ ସମ୍ବଲପୁରୀ ଶାଢ଼ି, ସୋନପୁରୀ ପାଟ, ଆଣିଲା । ବଣିଆଘରକୁ ଯାଇ କେତେ ରକମର ଗହଣା ଆଣିଲା । ପାଟରା ଘରକୁ ଯାଇ ଅଳତା, ସିନ୍ଦୂର ଆଣିଲା । ଯାହା ଯିମିତି ଯାନ-ଯଉତୁକ ଦେବା କଥା ସବୁ ଯୋଗାଡ଼ କରି ସାଧବପୁଅ ସାଥିରେ ବାହା କଲା ଝିଅକୁ ।

ଏତେଦନ ଏକାଠି କଟାଇଥିଲା । ବାହା ହୋଇ ଆସିଲାବେଳେ ଶଙ୍ଖଚଲ ମା'କୁ ଛାଡ଼ି ଆସିବା ପାଇଁ ଝିଅଟିର ମନ ବଳୁନଥାଏ । ସେ ମାଆକୁ ଧରି ଖୁବ୍ ବିକଳରେ ବାହୁନୁଥାଏ—

Digitized by srujanika@gmail.com

ଚଳେ ବସାଦନ୍ତି ଉପରେ ସର ମୋ' ମାଆଲୋ···
ଗରବ ଝିଅ କ ଧମା ଦରକୁ ମୋ' ମାଆଲୋ···

[ସାଧବ ପୁଅ ଘୋଡ଼ା ଚଢ଼ି ଗଲାବେଳେ ଶଙ୍ଖଚଲ ଓ ତା'ର ପାଳଚା ଝିଅକୁ ଦେଖୁଛନ୍ତି]

Digitized by srujanika@gmail.com

କେମିତି ତୋ ବିନା ଧରିବି ପ୍ରାଣ ମୋ' ମାଆଲୋ···
କେମିତି ଚଳିବି ସାଧବଘରେ ମୋ' ମାଆଲୋ···
ସରିକରଣାର ଜାଣିନି ମୋଟେ ମୋ' ମାଆଲୋ···

ଶଙ୍ଖଚିଲ ତାକୁ ସାନ୍ତ୍ୱନା ଦେଇ କହିଲା—"ସେଥିପାଇଁ ତୁ ଚିନ୍ତା କରନା, ତୋତେ ପ୍ରତି ସାତ ଦିନରେ ଥରେ ଯାଇ ମୁଁ ଶଙ୍ଖୁଳି ଆସିବି । ତା'ଛଡ଼ା ତୋ ଉଆସ ପାଖରୁ ମୋ ଘରଯାଏ ସୂତାଟିଏ ଟାଣି ଆଣିବି । ତୋର ଯେତେବେଳେ ଯୋଉ କାମ ପଡ଼ିବ, ସେଇ ସୂତାଟିକୁ ଧରି ଥରେ ଦି'ଥର ତୁ ଟାଣିଦେବୁ ଯେ—ମୁଁ ଯାଇ ତୋ ପାଖରେ ସଙ୍ଗେ ସଙ୍ଗେ ପହଞ୍ଚିଯିବି । ତୋ'ର ସବୁ କାମଧନ୍ଦା କରିଦେବି ।"

ମାଆର କଥାକୁ ମନରେ ରଖି ଝିଅଟି ଏଥର ଶାଶୁଘରକୁ ଆସିଲା । ବୋହୂକୁ ଦେଖି ବୁଢ଼ୀ ସାଧବାଣୀ ଖୁସି ହେବ କ'ଣ—ରାଗରେ ଓଲଟି ଫାଟିପଡ଼ିଲା । ଏଇନେ ଗୁହାଳିଲେ ସାତଟା ବୋହୂ ଆସି ପାଦ ମଣ୍ଡାଳିବେ । ଝିଅ ନମିଳିଲା ପରି—ରାସ୍ତା କଡ଼ରୁ ଗୋଟାଏ ତଳ ଶ୍ରେଣୀର ଝିଅକୁ ପୁଅ ତାଆର ବୋହୂ କରି ଘରକୁ ଆଣିଛି । ଜାତନନ୍ଦା, କୁଳନନ୍ଦା । ଲୋକ ଶୁଣିଲେ କହିବେ କ'ଣ ? ଏତେ କଥା ସିନା! ଭାବିଲା—କିନ୍ତୁ ପୁଅର ଦୋଷ ନଦେଇ ସବୁତକ ଦୋଷ ସେ ବୋହୂ ଉପରେ ଅଜାଡ଼ି ଦେଲା । ତାକୁ କହିଲା—"ତୋର ଜାତିକୁଳ ଜଣାନାହିଁ, ତୁ କ'ଣ ମୋ ବୋହୂ ହେବାକୁ ଯୋଗ୍ୟ !" କହିଲା ସିନା, ପୁଅ ଡରରେ ବୋହୂକୁ ଆଉ ଉଆସରୁ ବାହାର କରିଦେଇ ପାରିଲାନି; କିନ୍ତୁ ଯେମିତି ସେ ଘରଛାଡ଼ି ଚାଲିଯିବ ସେ ଉପାୟ କଲା ।

ଦିନକର ସେ ତାକୁ କିଛି ସୂତା ଦେଇ କହିଲା—"ପୁଅ ମୋର ବଣିଜ କରିଯିବ—ରାତିକ ଭିତରେ ତୁ ଏଥିରେ ମତେ ଶହେଆଠ ଖଣ୍ଡ ପାଟ ବୁଣିକି ଦେ—ନହେଲେ୍ ଏ ଘରେ ତୋର ସ୍ଥାନ ନାହିଁ ।"

ଝିଅଟି ଏବେ କରେ କ'ଣ ? ରାତିକ ଭିତରେ ଶହେ ଆଠଖଣ୍ଡ ପାଟ ବୁଣିଦେବା କୋଉ ସହଜ ପଡ଼ୁଛି । ସେ କିଛି ଉପାୟ ନପାଇ ଗାଲରେ ହାତ ଦେଇ ବସି ଚିନ୍ତା କରୁଛି—ଏଇ ସମୟରେ ମା' କଥା ତା'ର ମନେପଡ଼ିଲା ।

Digitized by srujanika@gmail.com

ସେ ଯିମିତ ସୂତାକୁ ଧରି ଥରେ ଦି'ଥର ଟାଣିଦେଇଛି ଶଙ୍ଖଚିଲ ମା' ଯିମିତ ତା'ର ଆସି ପହଞ୍ଚିଗଲା । ମା'କୁ ଦେଖୁ ଦେଖୁ କାନ୍ଦ କାନ୍ଦ ଗଣ୍ଠି ପଡ଼ିଗଲା ଝିଅଟି । କହିଲା—"ମାଆଲୋ···ଗରିବଝିଅ ହୋଇ ବଡ଼ଘର ବୋହୂହେବା ମୋର ଲୋଡ଼ା ନାହିଁ । ମତେ ତୁ ସାଙ୍ଗରେ ନେଇ ତୋ' କୁଡ଼ିଆକୁ ଚାଲ । ସାଧବଘର ବୋହୂ ହେବା ସପନ ମୋର ଭାଙ୍ଗିଯାଇଛି ।"

ମାଆ ତା'ର ସବୁ ଦୁଃଖ ଶୁଣି କହିଲା—"ଝିଅଲୋ, ଘର କରିଥିଲେ ପଥର ପଡ଼ିଲେ ସହି । ଏତିକ ଦୁଃଖରେ ତୁ ଭାଙ୍ଗି ପଡ଼ୁଛୁ ! ସେ ବୁଦ୍ଧି ଛାଡ଼ । ସୂତା ଆଣ୍ । ମୁଁ ରାତିକ ଭିତରେ ଶହେଆଠ ଖଣ୍ଡ ପାଟ ବୁଣିଦେଉଛି ।"

ସତକୁସତ ଝିଅଟି ସକାଳୁ ଉଠି ଦେଖିଲାବେଳକୁ ସୂତା ଜାଗାରେ ଶହେଆଠ ଖଣ୍ଡ ମାଣିଆବନ୍ଧ ପାଟ ଥୁଆହୋଇଛି । ବୁଢ଼ୀ ବି ସେକଥା ଦେଖି ଆଶ୍ଚର୍ଯ୍ୟ ହେଲା । "ଏ ବୋହୂଟା କ'ଣ ସତରେ ଏଡ଼େ ପାରିବାର ?

ତା'ପର ଦିନକୁ ସେ ପୁଣି କିଛି ସୂତା ଏବଂ କପଡ଼ା ଦେଇ କହିଲା—"ପୁଅ ମୋର ବଣିଜ କରି ଯିବ, ରାତି ପାହିଲାବେଳକୁ ତୁ ଏଥିରେ ଶହେଆଠଟି ଚାନ୍ଦୁଆ ତିଆରି କରି ରଖିଥିବୁ । ନ ହେଲେ ଏ ଘରେ ତୋର ସ୍ଥାନ ନାହିଁ । ତୋତେ ମୁଁ ଘରୁ ବାହାର କରିଦେବି । ରାସ୍ତାକଡ଼ରେ ବସି ଲୁହ ପୋଛୁଥିବୁ ।"

ହାୟରେ କପାଳ ! ଭାଗ୍ୟ ଯାଥିରେ ତ ଝିଅଟିର ଅପଡ଼, କାହାକୁ ଅବା ଏ ଦୁଃଖ ସେ କହିବ ? ହଉ ଯାହା ଠାକୁରଙ୍କ ଇଚ୍ଛା ! ମନରେ ଇମିତ ଭାବି ଝିଅଟି ପୁଣି ସୂତାକୁ ଧରି ଥରେ ଦି'ଥର ଟାଣିଦେଲା । ଦେଖୁ ଦେଖୁ ମା' ତା'ର ଆସି ପହଞ୍ଚିଲା । ରାତିକ ଭିତରେ ଚାନ୍ଦୁଆତକ ତିଆରି କରିଦେଇ ଚାଲିଗଲା ।

ସକାଳୁ ସାଧବାଣୀ ବୁଢ଼ୀ ଦେଖିଲାବେଳକୁ ଚାନ୍ଦୁଆତକ ଯଥା-ସ୍ଥାନରେ ରଖାଯାଇଛି । ସେ ଆହୁରି ଆଶ୍ଚର୍ଯ୍ୟ ହେଲା—କେମିତି ଏଡ଼େ ସହଳ ବୋହୂଟି ଏତେ କାମ କରିପାରୁଛି—ସେକଥା ଜାଣିବା

Digitized by srujanika@gmail.com

ପାଇଁ ସେଦିନଠାରୁ ଦୁଇଗୁଣା କାମ ଦେଇ ସେ ବୋହୂକୁ ତାଗିଦା କଲା —"ରାତିକ ଭିତରେ ଏତିକ ପାଟ ବୁଣିଥିବୁ, ଏତିକ ଗୁନ୍ଦୁଆ କରିଥିବୁ । ନଚେତ୍ ଏ ଘରେ ତୋ'ର ସ୍ଥାନ ନାହିଁ ।"

କାମ ସେତିକ ବରାଦ ଦେଇ ବୁଢ଼ୀ ଠାଏ ଲୁଚିକ ବସିଲା । ଯିମିତ ଶଙ୍ଖଚିଲଟି ଆସି କାମତକ କରିଛି, ବୁଢ଼ୀ ସବୁ ଦେଖିପକେଇଲା । ତା'ପରେ ମନକୁ ମନ କହିଲା—"ତେବେ ଏଇ ଶଙ୍ଖଚିଲ ସବୁ କରି-ଦେଉଛି ! ରହିଥା ଦେଉଛି ତୋ ମଥା ଛିଡ଼େଇ ।"

ତା'ପର ଦିନ ବୋହୂକୁ କହିଲା—"ଦେଖିବ ରହ, କେତେଦିନ ସେ ଶଙ୍ଖଚିଲ ଆସି ତୋର କାମ କରିଦେବ ! ଯଦି ତା' ମଜା ଛଡ଼େଇ ନଦେଇଛି !"

ବୁଢ଼ୀର କଥା ଶୁଣି ଝିଅଟି ବଡ଼ ଦୁଃଖିତ ହେଲା । ସେଇଦିନ ସେ ପୁଣିଥରେ ମା'କୁ ଡକାଇ କହିଲା—"ମା, ଏ ବୁଢ଼ୀଟା ମୋଟେ ଭଲ ମଣିଷ ନୁହେଁ । ତୋ କଥା ସେ ଜାଣିସାରିଲାଣି । କେତେବେଳେ କୋଉକଥା । ତୁ ଟିକେ ହୁସିଆରରେ ଥିବୁ ।"

ଶଙ୍ଖଚିଲ କହିଲା—"ସେଥିପାଇଁ ତୁ ଚିନ୍ତା କରନା । ତାଳପତ୍ରରେ ଗୋଟିଏ ଚିଟାଉ ଲେଖି ଦେଉଛି । ତୁ ତାକୁ ପାଖରେ ରଖ ! ମୁଁ ଯଦି ମରିଯାଏ, ଗୋଟିଏ ପାରି ହାତରେ ଏ ଚିଟାଉ ଖଣ୍ଡିକ ତୁ ଏ ଦେଶର ରାଜାଙ୍କ ପାଖକୁ ପଠାଇଦେବୁ । ତା'ପରେ ଅବସ୍ଥା ତୋର ସୁଧୁରିଯିବ । ଏହା କହି ଶଙ୍ଖଚିଲ ଝିଅକୁ ଚିଟାଉଟି ଦେଇ ଚାଲିଗଲା ।

ସେଦିନ ରାତିକୁ ଝିଅ ନାଆଁରେ ବୁଢ଼ୀ ସେ ସୂତାକୁ ଧରି ଥରେ ଦି'ଥର ଟାଣିଦେଲା । ଶଙ୍ଖଚିଲ ବା ଏତେ ପେଞ୍ଚପାଞ୍ଚ କାହୁଁ ଜାଣିବ ? ସେ ଯେମିତ ଆସି ପହଞ୍ଚିଛି—ବୁଢ଼ୀ ତାକୁ ଧରି ମାରିଦେଲା ।

ତା' ପରଦିନ ସକାଳୁ ଶଙ୍ଖଚିଲ ମା' ମରି ପଡ଼ିଥିବାର ଦେଖି ଝିଅଟିର ଦୁଃଖର ସୀମା ରହିଲାନି । ଆହା ବିଚାରି ତାକୁଇ ରକ୍ଷା କରିବାକୁ ଆସି ମାଆର ଆଜି ତା'ର ଏ ଦଶା ହୋଇଛି ! ପିଲାଦିନରୁ କୋଉଠୁ ଗୋଟେଇ ଆଣି, ରାଜାର ଝିଅ ପରି କେଡ଼େ ଯତ୍ନରେ ପାଳିଥିଲା, ଦୁଃଖରେ ସୁଖରେ ସାହା ଭରସା ହେଉଥିଲା । ଏବେ

Digitized by srujanika@gmail.com

ତା' ବିନା କେମିତି ସେ ବଞ୍ଚିବ ? ଦୁଃଖବେଳେ ସାହସ ଦେବା ପାଇଁ ତାର ଏବେ ଆଉ କିଏ ଅଛି—ଏ ଦୁନିଆରେ ?"

ଏଣେ କାନ୍ଦୁଥାଏ—ତେଣେ ମା' କଥା ଭାବୁଥାଏ । ଏଇବେଳରେ ମା'ର ଶେଷକଥା ପଦକ ତା'ର ମନେପଡ଼ିଲା । ମାଆ ତ ତା'ର ଚିଠାଉଟି ଲେଖି ଦେଇଯାଇଛି—ଦେଖି ତାକୁ ପାରି ହାତରେ ରାଜା ଘରକୁ ପଠାଇଦିଏ । କାଳେ ଯଦି ଅବସ୍ଥା ସୁଧୁରିବ !

ଏହା ଭାବି ଝିଅଟି ପାରି ହାତରେ ଚିଠାଉଟି ରାଜାଙ୍କ ଘରକୁ ପଠାଇଦେଲା ।

ରାଜା କି ସାନରାଣୀ କାହାରି ମନରେ ସେଇଦିନୁ ଆଉ ସୁଖ ନଥାଏ । ରାତିଦିନ ତାଙ୍କର ଖାଲି ପିଲାଟିଲାଗି ଚିନ୍ତା । ଏମିତି ବେଳରେ ପାରି ଆଣି ତାଙ୍କ ହାତରେ ଚିଠାଉ ଖଣ୍ଡିକ ଦେଲା । ତାକୁ ପଢ଼ି ରାଜା ଜାଣିଲେ—ସାଧବପୁଅ ଯୋଉ ଲାବଣ୍ୟବତୀ ଝିଅଟିକୁ ବିବାହ କରିଛି ସେ ଝିଅ ହେଉଛି ପ୍ରକୃତରେ ତାଙ୍କର ଝିଅ । ବଡ଼ରାଣୀ ଚକ୍ରାନ୍ତ କରି ତାକୁ ନେଇ ମଶାଣିରେ ଫିଙ୍ଗି ଦେଇଥିଲା । ଶଙ୍ଖଚିଲଟି ସେ ଝିଅକୁ ପାଳିପୋଷି ମଣିଷ କରିଛି ।" ତହୁଁ ରାଜା ବଡ଼ରାଣୀର ପୋଇଲୀକୁ ଡକାଇଲେ । ତାକୁ ଧମକ ଚମକ ଦେବାରୁ ସେ ସବୁକଥା ମାନିଗଲା ।

ରାଜା ଏବଂ ସାନରାଣୀଙ୍କର ଆନନ୍ଦ ଏଥର କହିଲେ ନସରେ ! ସଙ୍ଗେ ସଙ୍ଗେ ପାଲିଙ୍କି ପାଟହାତୀ ଆଲଟ ଚାମର ଚତୁରଙ୍ଗ ବଳ ସେନାଇ ସେ ଯାଇଁ ସାଧବ ଉଆସରେ ପହଞ୍ଚିଲେ ।

ବାପ, ଝିଅ, ମା ସମସ୍ତେ ଚିହ୍ନାଚିହ୍ନି ହେଲେ ।

ଏବେ ଆନନ୍ଦରେ ବଡ଼ରାଣୀ କି ସାଧବାଣୀ ବୁଢ଼ୀକୁ ଦଣ୍ଡ ଦେବା କଥା ଚିନ୍ତା କରୁଛି କିଏ ?

ଶେଷରେ ଫଳ ଏଇଆ ହେଲା ଝିଅଟି ଶାଶୁଘରକୁ ଆସି ଅନେକ ଦୁଃଖ କଷ୍ଟ ଭୋଗିଥିଲା, ତେଣୁ ଏବେ ତା' ଧୈର୍ଯ୍ୟ ଏବଂ ସହଣିପଣିଆ ଗୁଡ଼ ପାଇଲେ । ଗୁଡ଼ ପାଇଲେ କ'ଣ ହେବ, ପରଜନ୍ମରେ ସେ ମାଟିଆ ଚିଲ ହେଲା ।

Digitized by srujanika@gmail.com

ରଜାଙ୍କ ଅନ୍ତେ ସାଧବପୁଅ ରଜା ହେଲା । ସେ ଝିଅଟି ଏବେ ଆଉ କୋଉ ଜାତିକୁଳହୀନା ଅନାଥିନୀ ଝିଅ ନୁହେଁ—ସେ ରାଇଜର ରାଣୀ । କିନ୍ତୁ ତା' ମନରେ ସୁଖ ନାହିଁ । କାହିଁକି ? ସେ ପାଳିଥିଲା, ପୋଷିଥିଲା । ଦୁଃଖ ବେଳକୁ ଥିଲା—କିନ୍ତୁ ସୁଖବେଳକୁ ସେ ରହିଲାନି ।

ସେଇଥିପାଇଁ ପିଲାମାନେ ଶଙ୍ଖଚିଲକୁ ଦେଖିଲେ ଶ୍ରଦ୍ଧା କରନ୍ତି । ଓଳଗି ହୋଇ କହନ୍ତି—"ଶଙ୍ଖଚିଲ ଭାଇ ନମସ୍କାର

ମାଟିଆ ଚିଲକୁ ଗୋଇଠା ମାର ।"

●

ଟିପ୍ପଣୀ :

(୧) ବଣର ପଶୁପକ୍ଷୀ ଏବଂ ସଭ୍ୟ ଜଗତର ମଣିଷ—ଏ ଦୁହିଁଙ୍କ ଭିତରେ କିଏ କେତେ ମହତ ଏବଂ କିଏ କେତେ ଶ୍ରେଷ୍ଠ—ତାହା ହିଁ ଏ ଗପରେ ଦର୍ଶାଇ ଦିଆଯାଇଛି । ଜଣେ ରାଣୀ ଏବଂ ଜଣେ ସାଧବାଣୀଙ୍କ ସହିତ ସାମାନ୍ୟ ଗୋଟିଏ ଶଙ୍ଖଚିଲ ପକ୍ଷୀର ତୁଳନା କରି ଅଜ୍ଞାତ କଥାକାର ଏଥିରେ ଦର୍ଶାଇଦେଇଛନ୍ତି ଯେ—ଜାତିରେ ପକ୍ଷୀ ହେଲେ ବି ଦୁହିଁଙ୍କଠାରୁ ସେ ନିଶ୍ଚିତ ଭାବେ ମହତ । ତା' ହୃଦୟରେ ଯେଉଁ 'ସ୍ନେହ', ଯେଉଁ 'ଦୟା' ତାହା ଏମାନଙ୍କ ହୃଦୟରେ ନାହିଁ । ପଶୁପକ୍ଷୀଙ୍କଠାରୁ ଏବେ ବି ସଭ୍ୟ ମଣିଷର ଅନେକ କିଛି ଶିଖିବାର ଅଛି ।

(୨) ଅଞ୍ଚଳ ଭେଦରେ ଏଇ ଗପଟି ଓଡ଼ିଶାର ଭିନ୍ନ ଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରେ ଶୁଣାଯାଏ । ପୂର୍ବ ଏବଂ ଉତ୍ତର ଓଡ଼ିଶାରେ ଏ ଗପଟି ଶଙ୍ଖଚିଲକୁ ନେଇ ଶୁଣାଯାଉଥିଲାବେଳେ ପଶ୍ଚିମ ଓଡ଼ିଶାରେ ଏ ଗପଟି ଶାଗୁଣାକୁ ନେଇ ଶୁଣାଯାଏ ।

ଉଭୟ ଗପର ଶେଷ ପରିଣତି ପ୍ରାୟ ଏକା ।

Digitized by srujanika@gmail.com

କଳାହାଣ୍ଡି ଅଞ୍ଚଳର ଲୋକକଥା

ଗିଧନ ମାଈଁର ଚେଗଲୀ ଭଣଜା

ଆଗେ ଅସୁରଗଡ଼ରେ ଜଣେ ବଡ଼ ସାଧବ ରହୁଥାନ୍ତି । ତାଙ୍କର ସାତ ପୁଅର ସାତ ବୋହୂ । ସେ ସାତ ବୋହୂ ପୁଣି ଆଉ ଗୋଟିଏ ସାଧବର ସାତ ଝିଅ । ସାତ ପୁଅଙ୍କର ଯିମିତି ମନ ମିଳେ ସାତ ଭଉଣୀଙ୍କର ମଧ୍ୟ ସିମିତି ମନ ମିଳେ । ତେଣୁ ସାଧବ ଘରେ ସୁଖଶାନ୍ତିର ଅଭାବ ନଥାଏ । ଅଭାବ ଭିତରେ କେବଳ ଗୋଟିଏ ଅଭାବ—ତାଙ୍କ ଭିତରେ କାହାରିହେଲେ ପୁଅଟିଏ ନଥାଏ । ସେଥିପାଇଁ ସାତ ଭଉଣୀ ସବୁଦିନେ ଯାଇଁ ମହାଦେବଙ୍କ ମଥାରେ ସାତ କଳସୀ ପାଣି ଢାଳନ୍ତି । ସାତ କେର ବେଲପତ୍ର ଚଢ଼ାନ୍ତି । ପୁଅଟିଏ ପାଇଁ କେତେ ମନାସ କରନ୍ତି ।

ଶେଷକୁ ମହାଦେବ ତାଙ୍କର ଗୁହାରି ଶୁଣିଲେ । ସାତଭଉଣୀଙ୍କ ମଧ୍ୟରେ ଯିଏ ସବୁଠାରୁ ସାନ, ଆଉ କେଇଦିନ ପରେ ସେ ମାଆ ହେବ···

ଦିନକର ସାତଭଉଣୀମାନେ ନଈକୁ ଗାଧୋଇ ଯାଉଥାନ୍ତି । ବାଟରେ ସବୁ ଧାଡ଼ି ଧାଡ଼ି ହୋଇ ତାଳବଣ ଲମ୍ବିଥାଏ । ଏତିକିବେଳେ ସାନ ଭଉଣୀର ପାଚିଲା ତାଳଟିଏ ଖାଇବା ଲାଗି ମନ ବଳିଲା ।

ତହୁଁ ସାତ ଭଉଣୀଯାକ ଯାଇଁ ତାଳବଣରେ ପହଞ୍ଚିଲେ । ସାନ ଭଉଣୀକୁ ମଝିରୁ ମିଠା ତାଳଟିଏ ବାଛି ଖାଇବାକୁ ଦେଲେ । ସାନ-ଭଉଣୀ ଏଣେ ତାଳ ଖାଉଛି ତେଣେ ତା'ର ପୁଅଟିଏ ହେଲା । ପୁଅଟି ଦେଖିବାକୁ ଯେତେ କ ଚନ୍ଦ୍ରଉଦିଆ । ଗାଲରେ ତା'ର ଶ୍ରେଷ୍ଠ ଏକ କଳାଜାଇ ମନ୍ଦା । ସେଇ କଳାଜାଇ ମନ୍ଦାଟି ପୁଣି ତା'ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥାଏ ।

Digitized by srujanika@gmail.com

ପୁଅଟିକୁ ଦେଖି ସାତ ଭଉଣୀଙ୍କର ମନରେ ତ୍ତେଣା ଲାଗିଲା । ସେମାନେ ତାକୁ ନେଇ ନଈପଠାରେ ପଟାଟିଏ ପାର ଶୁଆଇଦେଲେ । ତା'ପରେ ନଈକୁ ଗଲେ ଗାଧୋଇବାକୁ ।

ସେମାନେ ତେଣେ ଗାଧୋଉଥାନ୍ତି ଏତିକବେଳେ କୋଉଠି ଥିଲା ଘୋଟିଆସିଲା କଳାହାଣ୍ଡିଆ ମେଘ । ଦେଖୁ ଦେଖୁ ବରକୋଳିଆ ଟୋପାଟାମାନ ପଡ଼ିଲା । ମାଠିଆରେ ପାଣି ଢାଳିଲାପରି ଅଜାଡ଼ି ହୋଇ ପଡ଼ିଲା ମେଘ । ଶୁଖିଲା ନଈଟା ଗୁହୁଁ ଗୁହୁଁ ଫୁଲିଉଠିଲା । ପୁଅ ପଡ଼ିଲା ଯେ ସାପମୁଣ୍ଡ କଟିଯିବ । ସେ ପୁଅର ତୋଡ଼ରେ ନଈପଠାରେ ଯାହା ଯୋଉଠି ପଡ଼ିଥିଲା ସବୁ ଭାସିଗଲା । ଭାସିଗଲା ସେ ସାତଭଉଣୀଙ୍କର ନୟନମଣି କୁନପୁଅଟି !

ସାତ ଭଉଣୀ ପାଖରେ ପହଞ୍ଚିଲା ବେଳକୁ ସବୁ ଶେଷ । ସେମାନେ କେତେ କାନ୍ଦିଲେ । କେତେ ମଥା କୋଡ଼ିଲେ । କୁଆଁ କୁଆଁ ସ୍ୱରକୁ କେତେ କାନେଇଲେ । ହେଲେ ଆଉ କାହିଁ ?

ସେତିକବେଳଠୁଁ ତାଙ୍କ ମନରୁ ସବୁ ସରଗ ମଉଳିଗଲା । ସେମାନେ ଗଲାବେଳକୁ ହସ ନେଇ ଯାଇଥିଲେ, ଫେରିଲାବେଳକୁ ପାପୁଲି ପାପୁଲି ଲୁହ ନେଇ ଫେରିଲେ ।

ତେଣେ ନଈରେ ପାଣି ଦେଖି କେଉଟ ବୁଢ଼ାଟିଏ ଜାଲ ପକାଇ ମାଛ ଧରୁଥାଏ । ଦଇବ ଯୋଗକୁ ପିଲାଟି ଭାସି ଭାସି ଯାଇ ତା'ର ଜାଲରେ ପଡ଼ିଲା । କେଉଟ ବୁଢ଼ା ଜାଲ ଟାଣିଆଣି ଦେଖେ ତ ମାଛ ବଦଳରେ ସଦ୍ୟଜାତ ପିଲାଟିଏ । ସେ ଆଶ୍ଚର୍ଯ୍ୟ ହେଲା—"ନଈ ପାଣିରେ ପୁଣି ରଜାପୁଅ ବାଗିର ପିଲାଟିଏ !"—ଉଠାଇଆଣିଲା କୋଳକୁ । ନାକ-କାନକୁ ଫୁଙ୍କି ପକେଇଲା । ପିଲାଟା ଉଁ କରୁନ କି ଚୁଁ କରୁନ । ମନରେ ଭାବିଲା ହେବପରା ମଲା ପିଲାଟାଏ !

ମଲା ପିଲାଟାକୁ ନେଇ ସେ ଅବା କ'ଣ କରିବ ? ତାଳଗଛ ମୂଳେ ଫିଙ୍ଗିଦେଇ ତା' ବାଟରେ ସେ ଗୁଲିଗଲା ।

Digitized by srujanika@gmail.com

ପିଲାଟି ତାଳଗଛ ମୂଳେ ପଡ଼ିଥାଏ । ପଡ଼ ପଡ଼ ବାଆ ପାଣି ଖାଇ କେତେବେଳେକେ ତା'ର ଚେତା ଫେରିଲା । ସେ ସେଉଠୁ ହାତଗୋଡ଼ ହଲେଇ ଆରମ୍ଭ କରିଦେଲା କୁଆଁ କୁଆଁ କାନ୍ଦ···

ସେଇ ତାଳଗଛ ଉପରେ ବସା ବାନ୍ଧିଥାଏ—ଫୁଲୁ ଶାଗୁଣାଟିଏ । ତା'ର ବି ଯୋଡ଼ିଏ ଛୁଆ । ତାଙ୍କୁ ସେ ଆହାର ଦେଉଥିଲା···ଏତିକବେଳେ ଗଛତଳେ ସେ ମଣିଷ ପିଲାର କାନ୍ଦଣା ଶୁଣିଲା । ମାଆ ମନ ତ···ସେ ମଣିଷ ହେଉ କି ଇତର ପ୍ରାଣୀ ହେଉ, କେମିତି ନ ତରଳିବ ? ସେ ଆଉ କାଳବିଳମ୍ବ ନକରି ନମରଫସର ହୋଇ ଧାଇଁଆସିଲା ପିଲାଟି ପାଖକୁ ! ତା'ର ମନେହେଲା ପିଲାଟି ବରଷାପାଣି ଖାଇ କାଲୁଆ ହୋଇଯାଇଛି—ସେଥିପାଇଁ ସେ ଟିକେ ଉଷୁମ ଖୋଜୁଛି । ସଙ୍ଗେ ସଙ୍ଗେ ଫୁଲୁଶାଗୁଣା ତା'ର ଡେଣା ଦୁଇଟିକ ବମେଲାଇଦେଇ, ପିଲାଟିକୁ ତାଆରି ତଳେ ଜାକଜୁକ ଧରି ଉଷୁମ କଲା । ସେ ଉଷୁମ ପାଇ ପିଲାଟି ଭୁନ ପଡ଼ିଲା !

ଏବେ ଫୁଲୁଶାଗୁଣାର ଭାଳେଣି ପଡ଼ିଲା—କ'ଣ ଖୋଇ ସେ ପିଲାଟିକି ବଞ୍ଚେଇବ ? ସେ ତ ଆଉ ଚଢ଼େଇ ପିଲା ହୋଇନ, ଯାହା ପାଟିରେ ଦେବ 'ଆଁ' କରିଦେବ ! ଯାହା ବି ହେଉ ସେ ଆଉ ଉଛୁର କଲାନ । ଯୋଉଠି ଗଉଡ଼ ସବୁ ଗାଈ ଦୁହୁଁଥାନ୍ତି ଧାଇଁଗଲା ସେଇଠିକି ! ତାଙ୍କରି କ୍ଷୀରହାଣ୍ଡିରୁ ଥଣ୍ଟେ ହେବ କ୍ଷୀର ଧରି ପୁଣି ଫେରିଆସିଲା ପିଲାଟି ପାଖକୁ । ପିଲାଟିକୁ ବନ୍ଦୁଏ ବନ୍ଦୁଏ କରି ସେ କ୍ଷୀର ଥଣ୍ଟକ ପେଇଦେଲା । କ୍ଷୀର ଟୋପାକ ପେଟରେ ପଡ଼ିବାରୁ ଉଚୁଆଣି ଛୁଆଟା ଚୁଟ୍ କରି ଶୋଇପଡ଼ିଲା ।

ଫୁଲୁଶାଗୁଣା ଏଥର ଶାନ୍ତିରେ ନିଶ୍ୱାସଟିଏ ମାରିଲା । ସେତେବେଳକୁ ସଞ୍ଜ ହେଲାଣି । ଏତେବେଳେ ଅବା ଛୁଆଟିକୁ ସେ ତାଳଗଛମୂଳେ ଛାଡ଼ିଯିବ କେମିତି ? ସେ ତାକୁ ଆସ୍ତେକିନା ଧରି ପାଖ ବରଗଛ କୋରଡ଼ରେ ନେଇ ଶୁଆଇଦେଲା ।

ସେଇଦିନଠାରୁ ଗିଧନ (ଶାଗୁଣା) ମାଈଁର ତା' ଛୁଅ ସାଙ୍ଗକୁ ଏ ଛୁଆଟି ବି ଗୋଟିଏ ଭଣଜା ହୋଇ ରହିଲା । ତା' ପିଲାଙ୍କ ପାଖରେ ଗୋଡ଼େ ହୁଏ ତ ଭଣଜା ପାଖରେ ଗୋଡ଼େ ହୁଏ । ତା' ଛୁଆଙ୍କ ଲାଗି

Digitized by srujanika@gmail.com

ଖୋଜ ଖୋଜ କୋଉଠୁ କୁକୁଡ଼ାଛୁଆ, ପାରଛୁଆ ଧରିଆଣେ—ହେଲେ ଭଣଜାଟି ପାଇଁ କ୍ଷୀର, ମହୁ, ଝରଣାପାଣି, ମହୁଲ, କୋଉଠୁ କୋଉଠୁ ପିଜୁଳିଟାଏ, ପାଚିଲା ଆମ୍ବଟାଏ । ମିଳିଲେ କାହାଠୁ ବି ଚୂଡ଼ାଗୁଡ଼ ଝାମ୍ପ ମାରି ନେଇଆସେ ।

ଖାଲି ଖାଇବା କଥା କାହିଁକି—ପିଲାଟି ଯେମିତି ଶାନ୍ତିରେ ଶୋଇବ···ସେଥିଲାଗି କଅଁଳ କଅଁଳ ପତରେ ଶେଯଟିଏ ପାରିଦିଏ । କେଉଁଠୁ କେଉଁଠୁ ଖୋଜିଲୋଡ଼ି ଖେଳଣାଟିଏ ମଧ୍ୟ ଆଣି ଧରାଇଦିଏ ହାତରେ ।

ପିଲାଟିକୁ ଯେମିତିହେଲେ ବଞ୍ଚେଇବା ଲାଗି ରାତିଦିନ ଭୋକଶୋଷ ଭୁଲି ଶାଗୁଣା ମାଈଁ ତା'ର ପାଖେ ପାଖେ ଥାଏ ।

ମାଈଁର ଏତେ ସ୍ନେହ ଆଦର ଭିତରେ ପିଲାଟି ଦିନକୁ ଦିନ ଚନ୍ଦ୍ରକଳା ପରି ବଢ଼ିବାକୁ ଲାଗିଲା ।

ଗାଆଁ ତ ସେଠାରୁ ବେଶି ଦୂର ନୁହେଁ । ଗୁଲିଲା ବୁଲିଲା ଭଲ ହୋଇଗଲା । ସେଉଠୁ ସେ ପିଲାଟି ଗାଆଁକୁ ଯାଇଁ ତା' ଲାଗି କେତେ ଜଣ ସାଥୀ ଯୋଗାଡ଼ କରିନେଲା । ତାଙ୍କଠାରୁ ସେ କଥା କହି ଶିଖିଲା ।

ଦିନକର ଖେଳମେଳରେ ତା'ର ସାଙ୍ଗପିଲାମାନେ ତାକୁ ପଚାରିଲେ —"ତୁ ତ ନିତିଦିନ ଆମ ସାଥିରେ ଆସି ଖେଳୁଛୁ—ହେଲେହେଲେ ତ କହିଲୁ ନାହିଁ, ତୁ କାହା ପୁଅ ? କିଏ ତୋର ବାପ, ମାଆ ? କେଉଁଠି ତୁ ରହୁ ?"

ପିଲାଟି କହିଲା—ମୁଁ ଏତେ କଥା ଜାଣେନା ! କେବଳ ଏତିକି ଜାଣେ ମୋର ବାପ ମାଆ ଅଛନ୍ତି ସତ, ହେଲେ ପିଲାଦିନରୁ ମତେ ମୋର ଗିଧନ ମାଈଁ ପାଳୁଛି । ମୁଁ ଆଖି ଫିଟିଲା ଦିନଠୁଁ ତାକୁ ହିଁ ମୋର ବାପ, ମା, ମାଈଁ ବୋଲି ଜାଣେ ।"

ତା' କଥା ଶୁଣି ପିଲାମାନେ କଣକର ହୋଇ ହସିଉଠିଲେ । ଥଟ୍ଟା କରି କହିଲେ—"ତୁ ବୋକାଟା କିରେ ? ମଣିଷପିଲାର ମାଆ ହେବ

Digitized by srujanika@gmail.com

ପୁଣି ଗୋଟାଏ ଶାଗୁଣା । ଯଦି ଏକଥା ତୁ କହୁଛୁ, କାଲି ଯା, ସବୁ କଥା ତୋ ଗିଧନ ମାଈଁଠୁଁ ବୁଝିକି ଆସିବୁ ।"

ସେଦିନ ଘରକୁ ଫେରି ପିଲାଟି ଆଉ ଗିଧନ ମାଈଁଙ୍କୁ କଥା କହିଲା ନାହିଁ । କେବଳ ମୁହଁ ଶୁଖେଇ ବସି କାନ୍ଦିଲା । ତା'ର ସେ ରୁଷା ଦେଖି, ଶାଗୁଣା ମାଈଁର ମନଟା ବଡ଼ ଉଦୁଲବିକଳ ହେଲା । ସେ ପାଖକୁ ଆସି ଗାଣ ଚୁମ୍ବନ ଦେଇ ପଚାରିଲା—"ଧନରେ ! ଆଜି ତୋର କ'ଣ ହୋଇଛି ? କେବେହେଲେ ତ ତୁ ଏମିତି ମୁହଁ ଶୁଖାଇ ବସି କାନ୍ଦୁନା କହ ଧନ, କ'ଣ ହୋଇଛି କହ ! ହଜିଥିଲେ ଖୋଜିଦେବି । ଭାଙ୍ଗିଥିଲେ ଗଢ଼ିଦେବି । ତୋ' ଲାଗି ମରିବାକୁ ମଧ୍ୟ ମୁଁ ପ୍ରସ୍ତୁତ ଅଛି ।"

ଗିଧନ ମାଈଁଠୁ ସେ ଭରସା ପାଇ ପିଲାଟି କହିଲା—"ତୁ ମତେ ସତ କହ, ମୋର ମାଆ ବାପ କିଏ ? ମୁଁ ତାଙ୍କ ପାଖକୁ ଯିବି ।"

ଏଥିମଧ୍ୟରେ ଫୁଲୁଶାଗୁଣା ଗଛଲତା, ନଈ ନାଳ ବର୍ଷା, ସମସ୍ତଙ୍କୁ ଗୋଟି ଗୋଟି କରି ପଚାରି ସେ ପିଲାଟିର ମାଆ ବାପ କିଏ ବୁଝିଥାଏ । ସେ କହିଲା—"ଓଃ, ଏଇଥିପାଇଁ ଏତେ ରୁଷା । ଶୁଣ, ତୁ ତ ଯାଇତାଇ ଲୋକର ପୁଅ ନୁହେଁ । ଏଇ ଦୂରରେ ଯୋଉ ଅସୁରଗଡ଼ ଦିଶୁଛି ସେଇ ଗଡ଼ ହେଉଛି ତୁମ ଉଆସ । ତୁ ହେଉଛୁ ସାଧବର ପୁଅ !"

"ମୁଁ ସାଧବର ପୁଅ ହୋଇ ଏଠିକି କମିତି ଆସିଲି ?" ପଚାରିଲା ପିଲାଟି । ସେଉଠୁ ଶାଗୁଣାମାଈଁ ଯୋଉ ଯୋଉ କଥାସବୁ ସଂଗ୍ରହ କରିଥିଲା —ଭଣଜାକୁ ବସେଇ ଗୋଟି ଗୋଟି କରି ସବୁ ଶୁଣାଇଲା ।

ଗିଧନ ମାଈଁଠୁ ସବୁକଥା ଶୁଣି ପିଲାଟିର ମନ ଉଚ୍ଛନ୍ନ ହେଲା ବାପମାଆଙ୍କୁ ଦେଖିବା ଲାଗି । ଏଣେ ଗିଧନ ମାଈଁଙ୍କୁ ଛାଡ଼ିଯିବା ଲାଗି ମଧ୍ୟ ତା'ର ସତ ବଳୁ ନଥାଏ । ଭଣଜାର ହାବଭାବ ଦେଖି ଗିଧନ ମାଈଁ କହିଲା—କୂଳ ଛାଡ଼ିଲେ କି କରେ ନାହା, ନା କୋଳ ଛାଡ଼ିଲେ କି କରେ ମାଆ ? ତୁ ଯଦି ଘରକୁ ଯିବାକୁ ଇଚ୍ଛା କରୁଛୁ—ଯା । ହେଲେ ଏ ମାଈଁ କଥା ଭୁଲିଯିବୁନି । ତୁମ ଉଆସରେ କୋଉକଥା ଏବେ ଅପୂର୍ବ ଯେ ! ଦେହରେ ଧୂଳି ଟିକିଏ ଲାଗିଗଲେ ଯୋଉଠି ତାକୁ ପୋଛିଦେବା ଲାଗି ଶହେ ଦାସୀ ପୋଇଲି ଛୁଟିଆସିବେ, ସେଠି ଏ ବଣୁଆଣୀ ମାଈଁଟା

Digitized by srujanika@gmail.com

ପାଖରୁ ବା ତୁ କ'ଣ ପାଇବୁ ? ତେବେ ମଝିରେ ମଝିରେ ନଷ୍ଟପୁ ଆସିବୁ । ମୁଁ ତୋତେ ଟିକେ ଆଖି ପୂରେଇ ଦେଖିବି । ତୋ ଲାଗି ପାଚିଲା ଆମ୍ବ, ପାଚିଲା ପିଜୁଳି ରଖିଥିବି । ଆସିବୁ, ଏଁ...

ମାଈଁର କଥା ଶୁଣି ପିଲାଟି କାନ୍ଦପକେଇଲା । କହିଲା—"ଆସିବି ମାଈଁ, ନଷ୍ଟପୁ ଆସିବି ।'

ଏଥର ପିଲାଟି, ମାଈଁ ତା'ର ଜନ୍ମ ନେଇ ଯୋଉସବୁ କଥା କହିଲା, ତାକୁ ଗୀତରେ ବୋଲି ବୋଲି ସାଧବ ଉଆସ ଆଡ଼େ ଗ୍ଲଲିଲା ।

"ସାତ ଭଉଣୀ ଗଲେ ତାଳ ଖାଇ
ତାଳ ଗଛ ମୂଳେ ଜନମ ମୁଇଁ... ।
ଏକାଳେ ହେଲା ଯେ·ନଏଦନେ ବଡ଼ି
ଭସି ଭସି ମୁଇଁ ଗଲି ଯେ ବୁଡ଼ି ।

ଭଲେ ଥିଲା କେଉଟ ବାପୁଣ...
ମାଛ ମାଛ ବଲି ଜାଲ ପାତିଲା ।
ମାନେ ପିଲା ବଲି ଉଠେ ଫିକିଲା ।

ଭଲେ ଥିଲା ମୋର ଗିଧନ ମାଈଁ
ତା' ପୁଅକୁ ଆଣି ଦଏ କୁକୁଡ଼ା
ମାଈଁ ମତେ ଆଣି ଦଏ ଗୁଡ଼ଚୁଡ଼ା ।
ଗିଧନ କୁଲେ ଜାଏତ ଯେ—
ମର ମାଏ କେ ମୁଇଁ
ଡଗରେଇ ବୁଲେ ବନ ବଏତ୍ ଯେ..."

ଗାଆଁ ଦାଣ୍ଡରେ ଇମିତି ଗୀତ ଗାଇ ଗଲାବେଳେ ଯିଏ ସେ ଗୀତ ଶୁଣୁଥାଏ · ପିଲାଟିର ଦୁଃଖରେ ସେ କାନ୍ଦ ପକାଉଥାଏ ।

ତେଣେ ସାଧବ ଉଆସରେ ପିଲାଟିକୁ ହଜାଇଲା ଦିନଠାରୁ କାହାରି ମନରେ ଆଉ ସୁଖ ନଥାଏ । ଜହ୍ନମାମୁ ତ ଲୁଚିଯାଇଛି—ଘରକୁ ହସେଇବ କିଏ ? କୁଳର ଦୀପ ତ ଲିଭିଯାଇଛି—ଦୁଃଖ ଅନ୍ଧାରକୁ ତଡ଼ିଦେବ କିଏ ?

Digitized by srujanika@gmail.com

ପିଲାଟିଏ ନଥିଲେ ଯେତେ ଧନଦରବ ଥାଇଁ ଲାଭ କଅଣ ? ଦିନରାତି କାହାର ଆଖି ଶୁଖୁନଥାଏ ।

ଏତିକିବେଳେ ସେଦିନ ପିଲାଟିର ଗୀତ ଶୁଣି, ସାତଭଉଣୀ ସିଏ ବି ବାହାରିଆସିଲେ ପଦାକୁ । ଆହା-ହା, ରାଜାପୁଅ ପରି ଦିଶୁଛି କାହାର ଏ ପିଲାଟି ? ଯାହାର ଏ ପିଲା ହୋଇଥିବ କେଡ଼େ ନିଷ୍ଠୁରମ ତା' ଛାତି ! କେମିତି ପୁଅକୁ ଛାଡ଼ି ବସି ରହିଛି ।

ଏତିକିବେଳେ ପିଲାଟି ଗାଇଲା—

ସାତ ଭଉଣୀ ଗଲେ ତାଳ ଖାଇ
ତାଳଗଛ ତଳେ ଜନମ ମୁହିଁ ।

ତା'ର ସେ କଥା ଶୁଣି ସାତଭଉଣୀଯାକ ଆଉ ଟିକିଏ ପାଖକୁ ଦଉଡ଼ିଗଲେ । ଭଲକରି ଚାହିଁଲେ ତା' ମୁହଁକୁ । ହଠାତ୍ ସାନଭଉଣୀ ଚମକି ପଡ଼ିଲା—ଏଇ ତ ଡାହାଣ ଗାଲରେ ସେ କଳାଜାଇ ଚିହ୍ନଟା ଏବେ ବି ସିମିତି ରହିଛି । ଏଇ ତ ତାଙ୍କର ହଜିଲା ମାଣିକ । ଖୋଜିଲା ନିଧି । ସେ ତହୁଁ ଦଉଡ଼ିଯାଇ ପିଲାଟିକୁ ଭିଡ଼ି ଧରିଲା ଛାତିରେ ।

ଆଉ କାହାରିକୁ ଜାଣିବାକୁ ବାକି ରହିଲା ନାହିଁ ଯେ—ଏଇ ହେଉଛି ତାଙ୍କର ପୁଅ ।

ତହୁଁ ସାଧବ ଉଆସରେ କେତେ ଉତ୍ସବ ଲାଗିଲା । ଚାରିଆଡ଼େ ସିମିତି ହସଖୁସିର ସୁଅ ଛୁଟିଲା । ହେଲେ—ତେଣେ ଗିଧନ ମାଙ୍କି ଚାହିଁଛି ତା' ଟିକି ଭଣଜାକୁ । କହିଯାଇଥିଲା କୋଉଦିନ ଫେରିବ ? ଥଣ୍ଟରେ ତାର ଗୋଟିଏ ପାଚିଲା ଆମ୍ବ । ଆଖିରେ ଧାର ଧାର ଲୁହ । ସେ ଲୁହ କ'ଣ ସରିବନି !

Digitized by srujanika@gmail.com

ଶିକ୍ଷଣୀୟ ଲୋକକଥା :

ଭଙ୍ଗା ପଥୁରି

ଆଜକୁ ଅନେକ ଦିନ ହେଲାଣି ଗୋଟିଏ ଗାଆଁରେ ବୁଢ଼ାଟିଏ ଆଉ ବୁଢ଼ୀଟିଏ ରହୁଥିଲେ । ଦୁହେଁ ଖୁବ୍ ସୁଧାର । ମାଛିକି-ମ' ବୋଲି କହନ୍ତିନି । ହେଲେ କଅଣ ହେବ, ତାଙ୍କର ପୁଅଝିଅ ନଥିଲେ । ସେଥିପାଇଁ ବୁଢ଼ାବୁଢ଼ୀ କାହାରି ମନରେ ସୁଖ ନଥାଏ । ଦିନରାତି ସେମାନେ ଠାକୁରଙ୍କୁ ଡାକୁଥାନ୍ତି । ଠାକୁର କାଳେ ତାଙ୍କ ମନ ବୁଝିଥିବେ—ସେଥିପାଇଁ ଭୂଇଁରେ ଶୁଅନ୍ତି । ଦିନକୁ ବଖତେ ଖାଆନ୍ତି । ଖାଆନ୍ତି ଯେ—ପୁଣି ଗୋଟାଏ ଲଙ୍କତଗିରି ପଥରରେ । ମାଟିରେ ଗାତ ଖୋଳି ଖାଇବେ । ଯାହା, ସେଥିରେ ଖାଇବା ତାହା । ଏମିତି କଠିନ ବ୍ରତ ଦେଖିଲେ କୋଉ ଦିଅଁଙ୍କ ହୃଦୟ ନ ତରଳିବ ? ଶେଷକୁ ଦିଅଁ ତାଙ୍କର ଡାକ ଶୁଣିଲେ । ପୁଅଟିଏ ହେଲା । ପେଟରେ ଓଦାକନା ଦେଇ ପାଳିପୋଷି ତାକୁ ସେମାନେ ମଣିଷ କଲେ । ବଡ଼ ହେଲାରୁ ମନଲାଖି ବୋହୂଟିଏ ଖୋଜି ଦେଲେ ତା' ପାଇଁ । କିଛିଦିନ ପରେ ଗୁଲୁଗୁଲିଆ ନାତିଟିଏ ବି ହେଲା । ନାତିଟି ହେଉଛି ବୁଢ଼ାବୁଢ଼ୀଙ୍କର ନୟନର ପିତୁଳା ! ତାକୁ ଦଣ୍ଡେ ନ ଦେଖିଲେ ସେମାନେ ଅଥୟ ।

ଏବେ ବୁଢ଼ାବୁଢ଼ୀ ଆଗଭଳି ଆଉ କାମଦାମକୁ ପାରନ୍ତିନି । ବୁଢ଼ାବୁଢ଼ୀ ହେଲେଣି ତ, ସମସ୍ତ ଦାୟିତ୍ୱରୁ ମୁକ୍ତ ହୋଇ ସେମାନେ ଟିକିଏ ବିଶ୍ରାମ ଚାହାନ୍ତି । କିନ୍ତୁ ତାଙ୍କୁ ବିଶ୍ରାମ ଦେଉଛି କିଏ ?

ବୁଢ଼ାବୁଢ଼ୀ ଏମିତି ବସିକି ଖାଇବେ—ସେକଥା ବୋହୂ ହୃଦରେ ଯାଏନା ! ସେଥିପାଇଁ ତା' ମୁହଁଟା ସବୁବେଳେ ଧାନଉଁଷା ହାଣ୍ଡି । ସେ ସବୁବେଳେ ବୁଢ଼ାବୁଢ଼ୀ ଦିଇଟାଙ୍କର ମରଣ ମନାସୁଥାଏ । ଆଗ ଆଗ

Digitized by srujanika@gmail.com

ପୁଅ ପ୍ରତିବାଦ କରୁଥିଲା । ସିଏ ବି ଏବେ ଖରଜା ପଟରେ । ବୁଢ଼ାବୁଢ଼ୀ ଦି'ଟା ତାଙ୍କ ଦୃଷ୍ଟିରେ ଯେମିତି ଅଦରକାଖି ବୋଝ । ନିଷ୍ଠୁରତାରେ ପୁଅକୁ ବଳି ବୋହୂ । ବୋହୂକୁ ବଳି ପୁଅ । ଏବକୁ ଆଉ ବୁଢ଼ାବୁଢ଼ୀଙ୍କ ଭଲରେ ଗଣ୍ଡାଏ ସେମାନେ ଖାଇବାଲାଗି ଦିଅନ୍ତିନି । ଦିଅନ୍ତି ଯଦି ବଡ଼ କଷ୍ଟରେ ତିନିଦିନର ବାସି ପଖାଳ ମୁଠାଏ ଦିଅନ୍ତି । ପୁଣି କୋଉଥିରେ ନା ସେଇ ଲଳିତଗିରି ପଥୁରିରେ ! ଗୁହାଳେ ଯେଉଁଠି ଗୋରୁ ଖାଆନ୍ତି, ବୁଢ଼ାବୁଢ଼ୀଙ୍କି ସେଇଠି ଖାଇବାକୁ ଦିଅନ୍ତି । ଗୁହାଳର ଗୋଟିଏ କଣକୁ ରହନ୍ତି ବୁଢ଼ାବୁଢ଼ୀ ।

ନାତିଟି ଜେଜେବାପା, ଜେଜେମା'ଙ୍କର ସବୁ ଦୁଃଖ ଦୁର୍ଦ୍ଦଶା ଦେଖେ, ବୁଝେ । ହେଲେ ସିଏ ତ ପିଲାଲୋକ, ଯେତେ କହିଲେ ତା' କଥା ଶୁଣିବ କିଏ ?

ଦିନକର କଥା । ଜେଜେମା' ସେ ପଥୁରିଖଣ୍ଡିକ ଗଡ଼ିଆକୁ ଧୋଇବାକୁ ନେଲାବେଳେ ସେଇଟି ତା'ର ହାତରୁ ପଡ଼ି ଭାଙ୍ଗିଗଲା । ସେ କଥା ଦେଖି ପୁଅ ବୋହୂ ଦୁହେଁ ବୁଢ଼ାବୁଢ଼ୀଙ୍କ ଉପରେ ରାଗି ଖପା । "ଜାଣିଜାଣି ତୁମେ ପଥୁରିଟାକୁ ଭାଙ୍ଗିଦେଇଛ, ଆଜିଠାରୁ ତୁମର ଖାଇବା ବନ୍ଦ ।"

ଟିକିଏ ଦୂରରେ ନାତିଟୋକା ଠିଆହୋଇ ସବୁକଥା ଶୁଣୁଥିଲା । ସେଦିନ ସିଏ ବି ଦଉଡ଼ି ଆସି ବାପା ବୋଉଙ୍କୁ ସମର୍ଥନ କଲା । ବୁଢ଼ାବୁଢ଼ୀଙ୍କ ଉପରେ ମିଛିମିଛିକା ରାଗିଯାଇ କହିଲା—"ଏ ତୁମେ କ'ଣ କଲ ? ପଥୁରିଟାକୁ ଭାଙ୍ଗିଦେଲ ? ହାୟ ହାୟ, ମୋ' ବାପା, ବୋଉ ଯେତେବେଳେ ତୁମରି ଭଳି ବୁଢ଼ାବୁଢ଼ୀ ହେବେ, ମୁଁ ତାଙ୍କୁ ସେତେବେଳେ କୋଉଥିରେ ଖାଇବାକୁ ଦେବି ? ସେତେବେଳେ ପୁଣି ହାତରୁ ପଇସା ଖର୍ଚ୍ଚ କରି ମୁଁ ଯିବି ପଥୁରିଟିଏ କିଣିବାଲାଗି ?

ନାତିଟୋକାର ସେ କଥା ଶୁଣି ବୁଢ଼ାବୁଢ଼ୀ ନୀରବରେ ରହିଲେ ସିନା କିନ୍ତୁ ପୁଅବୋହୂଙ୍କ ଛାତିରୁ ଏଣେ ନିଆଁ ଅଙ୍ଗଡ଼ା ଖସିପଡ଼ିଲା । ପଚାରିଲେ—''କ'ଣ କହିଲୁ, ଆମେ ଯେତେବେଳେ ବୁଢ଼ାବୁଢ଼ୀ ହେବୁ, ତୁ ସେତେବେଳେ ଆମକୁ ସେଇ ପଥୁରିରେ ଖାଇବାକୁ ଦେଇଥାନ୍ତୁ ?"

Digitized by srujanika@gmail.com

ପୁଅ ଉତ୍ତର ଦେଲା—"ମୁଁ ଆଉ ନୂଆ କଥା କ'ଣ କରିଥାନ୍ତି ? ତୁମର ତ ଦିନେ ବଳ ବୟସ ଯିବ । ଜେଜେଜେଜେମାଙ୍କ ପରି ତୁମେ ଦୁହେଁ



[ନାତିଟୋକା ମିଛିମିଛିକା ଭାଗ ଦେଖାଇ ବୁଢ଼ାବୁଢ଼ୀଙ୍କୁ ପଚାରୁଛି କେମିତି ତା'ର ଦରକାରରେ ଆସିଥାନ୍ତା। ସେ ବଡ଼ସ୍ୱରେ କହୁଛି]

Digitized by srujanika@gmail.com

ବୁଢ଼ାବୁଢ଼ୀ ହେବ । ରୋଗରେ ପଡ଼ିବ । ସେତେବେଳେ କାମଦାମ ତ କିଛି କରୁନଥିବ, ମୋର ତୁମକୁ ଭଲକି ମୁଠାଏ ଖାଇବାକୁ ଦେବ କିଏ ? ସେବା କରିବ କିଏ ? ମୁଁ ସେଇ ପଥିରରେ ତୁମକୁ ବାସିପଖାଳ ମୁଠାଏ ବାଢ଼ି ଦେଇଥାନ୍ତି । ତୁମକୁ ନେଇ ଗୁହାଳ କଣରେ ରଖେଇଥାନ୍ତି । ଯାଉଣୁଆସୁଣୁ ଗାଳି ଦେଉଥାନ୍ତି ।”

—“ଏଁ, ତୁ କ’ଣ କହୁଛୁ ପୁଅ ?”

—“କ’ଣ ଆଉ କହୁଛି ! ତୁମଠୁଁ ଯାହା ଶିଖୁଛି, ସେତେବେଳେ ମୁଁ ଠିକ୍ ସେଇ କଥା କରିବି । ତେବେ ଯାଇ ତୁମେ ବୁଝିବ ନିଜ ପୁଅଟିଅର ଅବଜ୍ଞା, ହତାଦର, ବାପାମାଆଙ୍କ ପ୍ରତି କେତେ କଷ୍ଟଦାୟକ । ତାଙ୍କୁ ସେଭଳି ବ୍ୟବହାର କଲାବେଳେ ସେମାନେ କି କଷ୍ଟ ଏବଂ ଅପମାନ ପାଆନ୍ତି ।”

—“ତା’ ମାନେ ପୁଅ ହୋଇ ସେତେବେଳେ ତୁ ଆମକୁ ଏମିତି ଦୁର୍ଦ୍ଦଶା କରିବୁ ? ଏତେ କୃତଘ୍ନ ତୁ ! ପିଲାଦିନରୁ ତୋର ମଳମୂତ୍ର ପୋଛି ତୋତେ ଏତେ ଯତ୍ନରେ ବଢ଼େଇ ଆଣିବାର ଶେଷ ପୁରସ୍କାର କ’ଣ ଏଇଆ ?” ପ୍ରଶ୍ନ କଲେ ବାପା ।

—“ତୁମେ ତ ପୁଣି ସେଇଆ କରୁଛ ? ତୁମ ଲାଗି କ’ଣ ଜେଜେବାପା ଜେଜେମା’ କଷ୍ଟ କରିନଥିଲେ ? ତୁମକୁ ପାଇବା ଲାଗି ଦିନ ଦିନ ଧରି ଦିଅଁ ଦେବତାଙ୍କ ପାଖରେ ଅଧିଆ ପଡ଼ିନଥିଲେ । ପେଟରେ ଓଦାକନା ଦେଇ ତୁମକୁ ଆଦର ଯତ୍ନରେ ବଢ଼େଇ ନଥିଲେ ? ତୁମେ କୋଉ ତାଙ୍କର କଷ୍ଟ ବୁଝି ପକେଇଲ ?”

—“ପୁଅରେ ! ତୁ ଠିକ୍ କହୁଛୁ । ଏତେଦିନଯାଏ ଆମେ ଅନ୍ଧ ଥିଲୁ । ତୁ ଆଜି ଆମର ଆଖି ଖୋଲିଦେଇଛୁ । ଆଉ ଦିନେ ହେଲେ ଆମେ ତୋର ଜେଜେବାପା, ଜେଜୀମା’ଙ୍କ ପ୍ରତି ଖରାପ ବ୍ୟବହାର କରିବୁନି । ଆମ କର୍ତ୍ତବ୍ୟରେ ଅବହେଳା କରିବୁନି ।”

—“ଏ କଥା ମତେ କହିଲେ କ’ଣ ହେବ ? ସେଇ ଜେଜେ-ଜେଜୀଙ୍କୁ କୁହ । ତାଙ୍କର ପାଦ ଧରି କ୍ଷମା ମାଗ...ଯାଅ ।”

Digitized by srujanika@gmail.com

ପୁଅ ବୋହୂ ଏଥର ଧାଇଁ ବୁଢ଼ାବୁଢ଼ୀଙ୍କ ଗୋଡ଼ତଳେ ପଡ଼ି କ୍ଷମା ମାଗିଲେ । ସେଇଦିନଠାରୁ ସତକୁସତ ସେ ଦୁହେଁ ବଦଳିଗଲେ । ବୁଢ଼ାବୁଢ଼ୀ ଭଲରେ ମୁଠାଏ ଖାଇପିଇ ସୁଖରେ ରହିଲେ ।

●

ଟିପ୍ପଣୀ :

ଏ ଗପଟି କଟକ ଅଞ୍ଚଳରେ ଏମିତି ଶୁଣାଯାଉଥିବାବେଳେ ପୁରୀ ଅଞ୍ଚଳରେ 'ପଥର' ବଦଳରେ 'ଟୋକୋଇ'କୁ ନେଇ ଆଉବାଗେ ଶୁଣାଯାଏ । ପୁଅବୋହୂ ଦୁହେଁ ସ୍ଥିର କରନ୍ତି—ବୁଢ଼ାକୁ ଗୋଟିଏ ଟୋକେଇରେ ବସେଇ ନେଇ ଜଗନ୍ନାଥ ସଡ଼କରେ ଛାଡ଼ିଦେଇ ଆସିବେ । ଏକଥା ଶୁଣିପାରି ନାତି କହେ—"ବୁଢ଼ାକୁ ଛାଡ଼ିଦେଇ ଆସିବ କିନ୍ତୁ ଟୋକେଇଟି ନେଇଆସିବ । ତାହା ସମସ୍ତରେ ମୋର ଦରକାରରେ ଆସିବ । ତୁମେ ଯେତେବେଳେ ଏମିତି ବୁଢ଼ାବୁଢ଼ୀ ହେବ, ତୁମକୁ ସେଇ ଟୋକେଇରେ ନେଇ ମୁଁ ଜଗନ୍ନାଥ ସଡ଼କରେ ଛାଡ଼ିଦେଇ ଆସିବି ।" ସେଇଦିନଠୁଁ ପୁଅବୋହୂ ଦୁହେଁ ନିଜର ବ୍ୟବହାର ବଦଳାନ୍ତି ।

ଶିକ୍ଷଣୀୟ ଲୋକକଥା :

ନିଜ ବାଡ଼ିରେ ହାଟ ବସିବ କେମିତି ?

ଗୋଟିଏ ଗାଆଁରେ ବୁଢ଼ା ଚାଷୀଟିଏ ଥାଏ । ଘର କାମେକା । ସେଥିଲାଗି କୌଣସି କଥାରେ ତା'ର ଅଭାବ ନଥାଏ । ଅକଳନ ଧନସମ୍ପତ୍ତିର ଅଧିକାରୀ ହୋଇ ମଧ୍ୟ ବୁଢ଼ା ସବୁବେଳେ ନମ୍ର ଏବଂ ସାଧୁ ସ୍ୱଭାବର । ସତ୍ୟ ଧର୍ମ ଓ ନ୍ୟାୟ ପଥରୁ କେବେ ବି କେହି ତାକୁ ବିଚ୍ୟୁତ ହେବାର ଦେଖିନି ।

କ୍ରମେ ବୁଢ଼ାର ଦିନକାଳ ସରି ଆସିଲା । ସେ ଜାଣିପାରିଲା ଆଉ ଅଳ୍ପ ଦିନ ପରେ ସେ ଏ ସଂସାର ଛାଡ଼ି ଚାଲିଯିବ । ରୋଗ କ'ଣ

Digitized by srujanika@gmail.com

ଯେ ଜୀବନରେ ଜାଣେନା । ଶାନ୍ତ ଏବଂ ସନ୍ତୋଷ ସହକାରେ ଅବଶ୍ୟ ତା'ର ମୃତ୍ୟୁ ହେବ । ସେ ମଲା ପରେ କିଏ ଜାଣେ କେମିତି ଚଳିବ ତା'ର ପୁଅଟି ?

ସେ ଅବଶ୍ୟ ପୁଅକୁ ଅଗୁଣର କରିନି । ଅବଧାନ ପାଖକୁ ପଠାଇ ଭଲ ରକମ ଦି' ଅକ୍ଷର ପାଠଶାଠ ପଢ଼େଇଛୁ । କିନ୍ତୁ ଯେତେ ପଢ଼ିଲେ କଅଣ ହେଲା...ଜ୍ଞାନଠାରୁ ଜୀବନର ଅଭିଜ୍ଞତା ହେଉଛି ବଡ଼ । ତା' ଜୀବନରେ ଯୋଡ଼ିଏ ଅଶୀ ବର୍ଷର ଅଭିଜ୍ଞତା ଅଛି, ସେ ଅଭିଜ୍ଞତା କାହୁଁ ଆସିଲା ପୁଅର ? ଜଣକର ସଂସାର ଖୋଳରେ କୌଣସି ଅଭିଜ୍ଞତା ନଥିଲେ ସେ ଶାନ୍ତ ଏବଂ ସନ୍ତୋଷରେ ଚଳିବ କେମିତି ? ଏମିତି ଭାବି ବୁଢ଼ା ସ୍ଥିର କଲା—ମୃତ୍ୟୁ ପୂର୍ବରୁ ପୁଅକୁ ସେ ନିଜ ଅଭିଜ୍ଞତାରୁ କିଛି ଉପଦେଶ ଦେଇଯିବ ।

ଭଲବେଳ ଦେଖି ଏଥିପାଇଁ ଦିନେ ସେ ତା'ର ପୁଅକୁ ପାଖକୁ ଡାକିଲା ଏବଂ କହିଲା—"ପୁଅ, ମୋ ପାପରୁ ଚଇଲ ସରି ଆସିଲାଣି, ମୋର ଆଉ ବେଶି ଦିନ ନୁହେଁ । ତା' ପୂର୍ବରୁ ତୋତେ ମୋର କଥା କେତୋଟି କହିବାର ଥିଲା । କେଜାଣି ମୋର ସେହି କଥା ଅନୁସାରେ ତୁ ଜୀବନ ବିତାଇବୁ କି ନାହିଁ ?"

ପୁଅ କହିଲା—"ବାପା, ଯେତେ ପାଠ ପଢ଼ିଲେ କ'ଣ ହେଲା ତୁମର ବୁଦ୍ଧି ଏବଂ ଜ୍ଞାନ ଭଳି ମୋର ବୁଦ୍ଧି-ଜ୍ଞାନ ଏତେ ପ୍ରଖର ନୁହେଁ । କୌଣସି ଜଟିଳ ସମସ୍ୟାର ସମ୍ମୁଖୀନ ହେଲେ ମୁଁ ଭୁଲ କରିବି କି ଠିକ୍ କରିବି, ସେ କଥା କହିପାରୁନି । ତେବେ ତୁମର ମତେ ଯାହା କିଛି କହିବାର ଅଛି କୁହ । ସମୟରେ ମୁଁ ଯଦି ତାକୁ ବୁଝିନପାରେ...କି ସେଥିପାଇଁ ଯଦି କିଛି ସମସ୍ୟା ଉପୁଜେ, କାହା ପାଖକୁ ଗଲେ ସେ ମତେ ବୁଝାଇଦେଇ ପାରିବ, ସେ କଥା ମଧ୍ୟ ତୁମେ ମତେ କହିଯାଇଥାଅ ।"

ବୁଢ଼ା କହିଲା—"ଠିକ୍ ଅଛି ମୁଁ ତୋତେ ସବୁକଥା ଗୋଟି ଗୋଟି କରି କହୁଛି ଶୁଣ, ଆଉ ମନେରଖ । ପ୍ରଥମତଃ ତୁ ଜୀବନରେ ସବୁବେଳେ କାମରେ ଲାଗିରହିଥିବୁ, କିଛିଏ ହେଲେ ସମୟ ବୃଥାରେ ନଷ୍ଟ କରିବୁ ନାହିଁ । ସମୟ ସୁନାଠାରୁ ମୂଲ୍ୟବାନ୍ । ସୁନା ପଛେ ମିଳିବ, 'ଏ ଗୁଲଗଲା

Digitized by srujanika@gmail.com

ସମସ୍ତ ଆଉ ମିଳିବନି । ତାପରେ ମୋ'ରି ପରି ସର୍ବଦା ତୁ ଧର୍ମ ଏବଂ ସତ୍ୟ ପଥରେ ରହିବୁ । କାହାରି ପ୍ରତି ଅନ୍ୟାୟ କରିବୁନି କି ଅନ୍ୟାୟକୁ ବରଦାସ୍ତ କରିବୁନି । ସ୍ୱା' ସହିତ ଆଉ ପାଞ୍ଚୋଟି କଥା ତୁ ମନେରଖ— (୧) ଲାଗ ଦେବୁ -ମାଗିବୁନି । (୨) ନିଜ ବାଡ଼ରେ ହାଟ ବସାଇବୁ— କୌଣସି କଥା କିଣିବାକୁ ଯିବୁନି । (୩) ଘର ତୋଳିବୁ ଛାଇବୁନି । (୪) ଅତୁଠରେ ଗାଧୋଇବୁ, ତୁଠରେ ଗାଧୋଇବୁନି । (୫) ଜୁଆ ଖେଳିବୁନି, ନିଶା ପିଇବୁନି କି କୂଅ ଡେଇଁବୁନି । ଯଦି ସମସ୍ତରେ ଏଥିପାଇଁ କିଛି ସମସ୍ୟା ଉପୁଜେ, ମୋହରିଭଳି ଜୀବନରେ ଯାହାର କିଛି ଅଭିଜ୍ଞତା ଥିବ, ସେଇଭଳି ତିନିମୁଣ୍ଡିଆକୁ ଯାଇଁ ପଚାରିବୁ ଯେ, ସେ ବୁଝାଇ ଦେଇ ପାରିବ । ଏଇ କେତୋଟି କଥାକୁ ତୁ ଠିକ୍ ଠିକ୍ ପାଳନ କଲେ ଜୀବନରେ ବେଶ୍ ସୁଖରେ ରହିବୁ ।"

ପୁଅ ବୁଢ଼ାବାପଠୁଁ ସବୁକଥା ଶୁଣି ମନେରଖିଲା । ତା'ର କିଛିଦିନ ଅନ୍ତେ ସତକୁସତ ବୁଢ଼ାର ହେଲା କାଳ ।

ବାପର ପୁରୁଣାକାଳିଆ କଥାରେ ପୁଅର ପରତେ ନଥିଲେ ବି ବୁଢ଼ାବାପ କହିଛି ଯେତେବେଳେ, ସେସବୁକୁ ସେ ପାଳନ କରିବ ବୋଲି ସ୍ଥିର କଲା ।

ବାପର ପ୍ରଥମ ଉପଦେଶ ଥିଲା—ଲାଗ ଦେବୁ—ମାଗିବୁନି ।"

ପୁଅ ଚହୁଁ କ'ଣ କଲା—ଯାହାକୁ ପାରିଲା ତାକୁ ଟଙ୍କା ପଇସା ଧାନ ଚାଉଳ ମାଗିବା ମାତ୍ରକେ ଦେଇଦେଲା, କିନ୍ତୁ ତା' ଦୁଆରକୁ ମାଗିବା ଲାଗି ଗଲାନି । ବାପା ତ କହିଛି ମାଗିବାକୁ ଯିବୁନି, ସେମାନେ ଦେଲେ କେତେ ନଦେଲେ କେତେ ? ତା' ଫଳରେ ଦେଖୁ ଦେଖୁ ଘରୁ ଟଙ୍କା ପଇସା ଧାନ ଚାଉଳ ଅଧାଅଧି ହୋଇଗଲା ।

ବାପର ଗୋଟିଏ କଥା କାମ ନଦେବା ଦେଖି ଚହୁଁ ସେ ଏଥର ତାଙ୍କର ଦ୍ୱିତୀୟ ଉପଦେଶଟି ପାଳନ କରିବାକୁ ସ୍ଥିର କଲା । ବାପା କହିଥିଲେ ନିଜ ବାଡ଼ରେ ହାଟ ବସାଇବୁ । ଚହୁଁ ସେ କ'ଣ କଲା, ନିଜର ଯାହା ଜମିବାଡ଼ ଥିଲା, ସେଥିରେ ଢେଙ୍ଗୁରା ଦେଇ ଗୋଟିଏ ବଡ଼ ହାଟ ବସାଇଲା । ସେ ହାଟକୁ ଆସି ଲୋକେ ବିକା କିଣା କରି ଧମା

Digitized by srujanika@gmail.com

ହେଲେ ସତ, ମାତ୍ର ତା' ଅବସ୍ଥାରେ କୌଣସି ପରିବର୍ତ୍ତନ ହେଲାନି । ଅଧିକ କ୍ଷତି ହେଲା ।

ଦ୍ୱିତୀୟ କଥାରେ ଅସଫଳ ହେବା ଦେଖି ସେ ଏଥର ତୃତୀୟ କଥାଟି କାମରେ ଲଗାଇଲା । ବାପା କହିଥିଲେ ଘର ତୋଳିବୁ ଛୁଇଁବୁନି । ସେ ଏଥର ଟଙ୍କା ପଇସା ଖର୍ଚ୍ଚ କରି ବେଶ୍ ଭଲ ରକମ ମାଟି ଘରଟିଏ ତୋଳିଲା । ତାକୁ କିନ୍ତୁ ଛୁଇଁଲାନାହିଁ । ନଛୁଇଁଲେ କେତେଦିନ ବା ସେ ଘର ରହନ୍ତା ? ସେ ବର୍ଷ ମେଘବର୍ଷାରେ ଘର ଗୋଟିପଣେ ଭୁଶୁଡ଼ି ପଡ଼ିଲା । ଏଣେ ଟଙ୍କା ପଇସା ଗଲା, ତେଣେ ଜମିବାଡ଼ି, ଘର ମଧ୍ୟ ଗଲା । ଇଏତ ମହା ସମସ୍ୟା । କେମିତି ତା'ର ସମାଧାନ କରିବ ଏଥର ପୁଅର ପଡ଼ିଲା ସେଇ ଭାଳେଣି । ତହୁଁ ସେ ବାପର ଶେଷ କଥା ପଦକ ମନେପକାଇଲା—ଏସବୁ ବୁଝି ନପାରିବୁ ଯଦି ତିନିମୁଣ୍ଡିଆକୁ ପଚାରିବୁ ।"

ଆଚ୍ଛା କଥା । ତିନିମୁଣ୍ଡିଆ ଲୋକ ସେ ପାଇବ କୋଉଠୁ ? ତଥାପି ଖୋଜିବା ଲାଗି ବାହାରିଲା । ଖୋଜି ଖୋଜି ହତାଶ ହୋଇ ଦିନେ ସେ ଫେରିଆସୁଛି, ଏଇ ସମୟରେ ଗୋଟିଏ ଭାଗବତ ଟୁଙ୍ଗୀରେ ଦେଖିଲା ବୁଢ଼ାଟିଏ ଦୁଇ ଆଣ୍ଠୁ ସନ୍ଧିରେ ମୁଣ୍ଡ ମାଡ଼ିବସିଛି । ଦୁଇଟା ଆଣ୍ଠୁ ଗୋଟିଏ ମୁଣ୍ଡ, ତିନିଟାଯାକ ମିଶି ତିନିମୁଣ୍ଡିଆ ପରି ଦେଖାଯାଉଛି । ସେ ମନରେ ବିଚାରିଲା ବାପା ବୋଧେ ୟାଙ୍କର କଥା କହିଥିଲେ । ସେ ସେଉଠୁ ଯାଇଁ ସେ ବୁଢ଼ାକୁ ଆମୂଳଚୂଳ ସବୁ କଥା କହିଲା ।

ସବୁ ଶୁଣି ବୁଢ଼ା କହିଲା—"ବାପା ତୁମର ଆଦୌ ଭୁଲ କହି ନାହାନ୍ତି । ତୁମେ ବୁଝିଛ ଭୁଲ । ମଣିଷର ସୁଖରେ ଚଳିବା ଲାଗି ଯୋଉ ପାଞ୍ଚୋଟି କଥା, ଯଥା—ଶିକ୍ଷା, କୃଷି, ବାସଗୃହ, ପ୍ରତ୍ୟୁତ୍ପନ୍ନମତିତା ଏବଂ ସ୍ୱାସ୍ଥ୍ୟ ନିହାତି ଆବଶ୍ୟକ, ବାପା ତୁମର ଠିକ୍ ସେଇ କଥା କହିଛନ୍ତି ।

ବୁଢ଼ାର କଥା ଶୁଣି ପୁଅ ଚକାପାରି ବସିଲା । କହିଲା—"ଆରେ ଏମନ୍ତ କଥା, ମତେ ତେବେ ଗୋଟି ଗୋଟି କରି ସବୁକଥା ବୁଝେଇଦିଅ ।"

ବୁଢ଼ା କହିଲା—"ବାପା ତୁମର ପ୍ରଥମେ କହିଥିଲେ—'ଲାଗ ଦେବ ମାଗିବନି ।' ଏ 'ଲାଗ'ର ମାନେ ନୁହେଁ ବାହାର ଲୋକଙ୍କୁ କିଛି

Digitized by srujanika@gmail.com

ଦେବା । ଏହାର ଅର୍ଥ ହେଲା—ଯାହା ତୁମର ଲାଗ ଦେବାର ଅଛି ତାକୁ ପିଲାଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଭଲ ଖାଇବା ପିନ୍ଧିବାରେ ଖର୍ଚ୍ଚ କର । ସେମାନେ ପଢ଼ିଶୁଣି ଭଲ ମଣିଷ ହେଲେ, କାଲି ସକାଳେ ତୁମେ ତାଙ୍କ ମିଛ୍ପୁ ଯେତିକ ଖର୍ଚ୍ଚ କରିଥିବ ତା'ର 'ଶହେଗୁଣ ତୁମକୁ ସେ ଫେରାଇ-ଦେବେ । ପ୍ରଥମ କଥାଟିରେ ବାପା ତୁମର ପିଲାକୁ ଉପଯୁକ୍ତ ଶିକ୍ଷା ଦେଇ ମଣିଷ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ।



[ପୁଅ ବୁଢାଙ୍କୁ ଭାଗବତ ଟୁଙ୍ଗୀରେ ଭେଟି ବାପାର ଉପଦେଶ ବୁଝୁଛି]

Digitized by srujanika@gmail.com

ବାପାଙ୍କର ଦ୍ୱିତୀୟ ଉପଦେଶ ଥିଲା—'ନିଜ ବାଡ଼ିରେ ହାଟ ବସାଇବ ।' ଯା'ର ଅର୍ଥ ହେଲା, ତୁମର ତ ଜମିବାଡ଼ି ଅଛି, ସେଥିରେ ମନଦେଇ ପରିଶ୍ରମ କରି ସବୁରକମ ଫସଲ କରିବ । କେବଳ ଧାନ ନୁହେଁ କି ଗହମ ନୁହେଁ, ମୁଗ, ବିରିଠୁଁ ଆରମ୍ଭ କରି ବିଭିନ୍ନ ତୈଳବୀଜ ଚାଷ ସହ ମାଛ ଚାଷ, କୁକୁଡ଼ା ଚାଷ, ମହୁ ଚାଷ, ଘୁଷୁରି ଚାଷ ପର୍ଯ୍ୟନ୍ତ ସବୁ ଚାଷ କରିବ । ଯାହା ଯେତେବେଳେ ଖୋଜିବ, ସବୁ ମିଳୁଥିବ ସେଇ ବାଡ଼ିରୁ । ଲୋକେ ତୁମର ବାଡ଼ିକୁ ହାଟ ବୋଲି ଭାବି ସବୁ କଥା କିଣିବା ଲାଗି ଆସୁଥିବେ । ଆଉ, ତୁମେ କୋଉଠିକି ଯାଉନଥିବ । ଏ ଉପଦେଶଟିରେ ବାପା ତୁମର କୃଷି ଉପରେ ଗୁରୁତ୍ୱ ଦେଇଛନ୍ତି ।

ସୁନ୍ଦର ଜୀବନଯାପନ ଲାଗି ଭଲ ବାସଗୃହଟିଏ ଅପରିହାର୍ଯ୍ୟ । ତୃତୀୟ ଉପଦେଶରେ ବାପା ତୁମର ସେଇ ବାସଗୃହ ଉପରେ ଗୁରୁତ୍ୱ ଦେଇଛନ୍ତି । ମାଟିର ଘର ବାରମ୍ବାର ଭାଙ୍ଗିପଡ଼େ, ବାରମ୍ବାର ତୋଳିବାକୁ ହୁଏ । ସେଥିରେ ପୁଣି ପ୍ରତିବର୍ଷ ନଡ଼ା, ବାଉଁଶରେ ଅର୍ଥ ସାରି ନଗ୍ଲଇଲେ ନଚଳେ । ଜୀବନକାଳ ଭିତରେ ଏମିତିକା ଘର ତୋଳିବା ଅପେକ୍ଷା ଆଉଦୀ ଛୁଇବାର ଆବଶ୍ୟକତା ପଡ଼ୁନଥିବା କୋଠାଘରଟିଏ ତୋଳିବା ଶତଗୁଣ ଶ୍ରେୟସ୍କର ବୋଲି ବାପା ତୁମର କହିଛନ୍ତି । ତେବେ ଏ ଘର ତୁମେ ତୋଳିବ କେତେବେଳେ—ଯେତେବେଳେ ପିଲାମାନେ ପାଠପଢ଼ି ଉପଯୁକ୍ତ ମଣିଷ ହୋଇ ଟଙ୍କା ରୋଜଗାର କରିବେ । ତେଣୁ ତାଙ୍କ ଟଙ୍କା, ଏଣେ କୃଷିରୁ ଆୟ ହେଉଥିବା ଟଙ୍କା ଉଭୟ ଟଙ୍କା ମିଶିଲେ ଭଲ ଘରଟିଏ ତୋଳିବା ସହଜ ହେବ ।

ଚତୁର୍ଥରେ ବାପା କହିଥିଲେ ଅତୁଠରେ ଗାଧୋଇବ ତୁଠରେ ଗାଧୋଇବନି । ଏହାର ସାଦାସିଧା ଅର୍ଥ ହେଲା—ଅତୁଠରେ ଯଦି କିଛି ତୁମେ ଛାଡ଼ି ଆସିଥାଅ, ଗଲାବେଳକୁ ସେମିତି ଥୁଆ ହୋଇଥିବ । ତୁଠରେ ତ ସମସ୍ତେ ଗାଧାନ୍ତି, ଅତୁଠକୁ ଯାଏ କିଏ ଯେ—ତାକୁ ନେବ ? ପ୍ରକୃତରେ ବାପାଙ୍କର କହିବା ଅର୍ଥ ଯା' ନୁହେଁ । ଏ ଉପଦେଶରେ ସେ ତୁମର ବିଚକ୍ଷଣତା, ପ୍ରତ୍ୟୁତ୍ପନ୍ନମତିତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଏ ଜଟିଳ ଦୁନିଆରେ ଚଳିବାକୁ ହେଲେ ତୁମକୁ ବୁଦ୍ଧିମାନ ହେବାକୁ ପଡ଼ିବ । ଚାରିଆଡ଼କୁ ଦୃଷ୍ଟି ଦେଇ କାମ କରିବାକୁ ହେବ ।

Digitized by srujanika@gmail.com

ଶେଷ କଥାଟିରେ ବାପା ତୁମର ସ୍ୱାସ୍ଥ୍ୟ ଏବଂ ସାମାଜିକ ସମ୍ମାନ ଉପରେ ଗୁ ରୁତ୍ୱ ଦେଇଛନ୍ତି । "ଜୁଆ ଖେଳିଲେ କି ପର କଥାରେ 'ହୁ' ପଇଲାପରି ମାଣ୍ଡ ଯାଇ କୌଣସି ଅକରଣୀୟ କାମ କରିବସିଲେ ସେଥିରେ ମାନସମ୍ମାନ ନଷ୍ଟ ହୁଏ । ନିଶା ଖାଇଲେ ସ୍ୱାସ୍ଥ୍ୟ ନଷ୍ଟ ହୁଏ । ତେଣୁ ଯଥାସମ୍ଭବ ଏସବୁ କୁଅଭ୍ୟାସଠାରୁ ଦୂରରେ ରହିବାକୁ ବାପା ତୁମର କହିଛନ୍ତି । ଏଗୁଡ଼ିକ ମାନି ଚଳିଲେ ତୁମର ଜୀବନ ନିଶ୍ଚିତଭାବେ ସୁଖମୟ ହେବ ।"

ବାପାଙ୍କ କଥାର ମର୍ମ କ'ଣ ପୁଅଟି ଏବେ ବୁଝିପାରିଲା । ସେ ବୁଢ଼ାର ପାଦରେ ମୁଣ୍ଡିଆଟିଏ ପକାଇ ଘରକୁ ଫେରିଲା । ବାପାଙ୍କ କଥା ଅନୁସାରେ ଚଳିବାରୁ ଅଳ୍ପଦିନେ ସେ ବଡ଼ ଧନୀ ହୋଇଗଲା ଏବଂ ସୁଖରେ ରହିଲା ।

ଟିପ୍ପଣୀ

ଭଲ ମଣିଷ ହୁଅ । ଭଲ ଭାବରେ ବଞ୍ଚିବା ଲାଗି ଶିଖ । ଜୀବନକୁ ସରସ ଏବଂ ସୁନ୍ଦର କର । ତା' ଯଦି ସମ୍ଭବ ନହେଉଛି ଅନ୍ତତଃ ସେ ଜୀବନକୁ ଅବାଟରେ ନେଇ କୁରୂପ କରନାହିଁ । ଉପରୋକ୍ତ ଲୋକକଥାରେ ସେଇ ସଙ୍କେତ ଦିଆଯାଇଛି ।

ପଶ୍ଚିମ ଓଡ଼ିଶାର ଶିକ୍ଷଣୀୟ ଲୋକକଥା

ରାଇଜର ରାଜା କିଏ, ସହସ୍ର ଦୀପକ କ'ଣ ?

ଗରିବ କାଠୁରିଆଟିଏ ଥାଏ । ବାପା, ମା', ସ୍ତ୍ରୀ, ଛୋଟ ଛୋଟ ପିଲାଙ୍କୁ ନେଇ ଛୋଟିଆ ସଂସାରଟିଏ ତା'ର । ଦିନସାରା କାଠହାଣି ସଞ୍ଜକୁ ତାକୁ ବିକେ । ସେଥିରୁ ସେ ସବୁମୋଟ ଛଅଟି ଟଙ୍କା ପାଏ । ସେ ଟଙ୍କାରୁ ଗୋଟିଏ ଟଙ୍କା ମହାଜନ (ବାପ ମା')ଙ୍କୁ ଦିଏ । ଗୋଟିଏ ଟଙ୍କା ଖାତକ (ପିଲାଛୁଆ)ଙ୍କୁ ଦିଏ । ଗୋଟିଏ ଟଙ୍କା ମନ୍ତ୍ରୀ (ସ୍ତ୍ରୀ)କୁ ଦିଏ ।

Digitized by srujanika@gmail.com

ଘରପାଇଁ ଡାଲି ଗୃଉଳ ତେଲ ଲୁଣ କିଣାରେ ଗୋଟିଏ ଟଙ୍କା ଖର୍ଚ୍ଚ କରେ । ଗୋଟିଏ ଟଙ୍କାରେ ଅତିଥି ସତ୍କାର କରେ ଆଉ ଅବଶିଷ୍ଟ ଟଙ୍କାଟି—ଭବିଷ୍ୟତ ପାଇଁ ସଞ୍ଚୟ କରି ରଖେ ।

ସେ ରାଇଜର ରାଜା ଖୁବ୍ ଧର୍ମି ଏବଂ ନ୍ୟାୟପରାୟଣ । ସେ ପ୍ରତିଦିନ ରାତିରେ ଲୋକମାନେ କେମିତି ଚଳୁଛନ୍ତି, କ'ଣ କରୁଛନ୍ତି—ତାହା ଜାଣିବାପାଇଁ ଅଜ୍ଞାତବାସରେ ବୁଲନ୍ତି । ଏହା ଫଳରେ ଖଳ, କୁଟିଳ, ଦୁଷ୍ଟ ପ୍ରକୃତିର ଲୋକଙ୍କୁ ଧରିବା, ତାଙ୍କ ଉପରେ ଯେମିତି ସହଜ ହୁଏ, ସେମିତି ଗରିବ ନିଆଶ୍ରୀ ଲୋକଙ୍କୁ ସାହାଯ୍ୟ କରିବା ମଧ୍ୟ ସମ୍ଭବ ହୁଏ । ଦିନକର ରାତିରେ ସେ ଯାଇ କାଠୁରିଆର କୁଡ଼ିଆ ନିକଟରେ ପହଞ୍ଚି ତାଙ୍କ ଘରେ କ'ଣ କଥାବାର୍ତ୍ତା ଚାଲିଛି ଶୁଣିବାକୁ ଲାଗିଲେ ।

ଏତିକିବେଳେ କାଠୁରିଆ କାଠ ବିକି ଘରକୁ ଫେରିଲା । ତା' ସ୍ତ୍ରୀକୁ ପଚାରିଲା—"ଖାତକଙ୍କୁ ଋଣ ଲଗାଇଲୁଣି ?"

ସ୍ତ୍ରୀ 'ହଁ' କଲା ।

ପୁଣି କାଠୁରିଆ ପଚାରିଲା—"ମହାଜନର ଋଣ ଶୁଝିଲୁଣି ?"

ଏଥର ମଧ୍ୟ ସ୍ତ୍ରୀ ତା'ର 'ହଁ' କଲା । ତା' ଶୁଣି କାଠୁରିଆ ଖୁବ୍ ଖୁସି ହୋଇଗଲା । ହସି ହସି କହିଲା—"ମନ୍ତ୍ରୀ, ତାହାହେଲେ ଏଥର ସହସ୍ର ଦୀପକ ଜାଳନ୍ତୁ, ରାଇଜର ରାଜା ମଣୋହି କରିବେ ।"

କାଠୁରିଆର କଥା ଶୁଣି ରାଜା ଆଶ୍ଚର୍ଯ୍ୟ ହେଲେ । ତାଙ୍କ ମନରେ ବଡ଼ ସନ୍ଦେହ ହେଲା । ଏ କାଠୁରିଆ ବୋଧହୁଏ କୌଣସି ଅସତ୍ ଉପାୟରେ ଧନ ଉପାର୍ଜନ କରୁଛି । ନହେଲେ ସେ ପୁଣି ଖାତକଙ୍କୁ ଋଣ ଲଗାଉଛି—ମହାଜନଙ୍କୁ ଋଣ ଶୁଝୁଛି – ତା' ଘରେ ଏଇନେ ପୁଣି ମନ୍ତ୍ରୀ ସହସ୍ର ଦୀପାଳୀ ଜାଳିବେ । ସେ ରାଜା ପରି ମଣୋହି କରିବ, କଅଣ ଏ କଥା ?

ରାଜା ଉଆସକୁ ଫେରିଆସିଲେ ସତ, ହେଲେ ସେଇ କଥା ଭାବି ଭାବି ରାତିସାରା ସେଦିନ ତାଙ୍କୁ ଆଉ ନିଦ ହେଲାନି । ସକାଳହେବା ମାତ୍ରେ ସେ ତାଙ୍କର ଜଣେ ଦୂତକୁ ପଠାଇଲେ—"ଶୀଘ୍ର ଯାଇ ସେ କାଠୁରିଆକୁ ଡାକିଆଣ ।"

Digitized by srujanika@gmail.com

କିଛି ସମୟ ପରେ କାଠୁରିଆକୁ ସାଙ୍ଗରେ ଧରି ଦୂତ ଦରବାରରେ ପହଞ୍ଚିଲା । ରାଜା ପଚାରିଲେ—"ହଇରେ, ତୁ ସାମାନ୍ୟ ଜଣେ କାଠୁରିଆ । କାଠ ହାଣି ପେଟ ପୋଷୁଛୁ । ତୁ ପୁଣି କୋଉଠୁ ଏତେ ଧନ ପାଉଛୁ ଯେ ଋଣ ଲଗାଉଛୁ, ଋଣ ଶୁଝୁଛୁ । ତୋର ଖାତକ ଅଛନ୍ତି—ପୁଣି ମହାଜନ ଅଛି । ତା'ପରେ ପୁଣି କଏ ସେ ରାଜା ଯାହାର ଖାଇବା ପାଇଁ ମନ୍ତ୍ରୀ ସହସ୍ର ଦୀପକ ଜାଳିଦିଅନ୍ତି । ସେ ମନ୍ତ୍ରୀଙ୍କର ପରିଚୟ କ'ଣ ? ଶୀଘ୍ର ଏହାର ସତ୍ୟାସତ୍ୟ କ'ଣ କହନ--ହେଲେ ତୋର ମୁଣ୍ଡକାଟ ହେବ !"

କାଠୁରିଆକୁ ଆଉ ଅଜଣା ରହିଲା ନାହିଁ କାଲି ଅନ୍ଧାରିବେଳେ-ବେଳେ ରାଜା ତା'ର ସବୁକଥା ଶୁଣିଛନ୍ତି । ତା'ର ତ କିଛି ଭୁଲ ନାହିଁ ଡରନ୍ତା କିଆଁ ? ସେ ହସି ହସି କହିଲା—"ଏତେବଡ଼ ରାଜ୍ୟର ରାଜା ହୋଇ ତୁମ୍ଭେ ଏଇ ସାମାନ୍ୟ କଥା ବୁଝିପାରିଲେ ନାହିଁ ? ହଉ, ମୁଁ ବୁଝାଇ ଦେଉଛି ଶୁଣନ୍ତୁ । ବାପା ତା'ର ପିଲାମାନଙ୍କୁ ଖାଇବାକୁ ଦିଏ । ପୋଷେ, ମଣିଷ କରେ । ସେ ଯେତେବେଳେ ଅପାରଗ ହୋଇଯାଏ, ସେ ଯୋଉ ଋଣ ପିଲାମାନଙ୍କୁ ଦେଇଥାଏ, ସେ ଋଣ ତା'ର ପିଲାମାନେ ସେତେବେଳେ ପରିଶୋଧ କରିଦିଅନ୍ତି । ମୁଁ ଯେତେବେଳେ ମୋ ସ୍ତ୍ରୀକୁ ପଚାରିଲି ଖାତକକୁ ଋଣ ଲଗାଇଲୁଣି କି ? ତା' ଅର୍ଥ ପିଲାମାନଙ୍କୁ ଖାଇବାକୁ ଦେଲୁଣି କି ? ତା'ପରେ ମୁଁ ଯେତେବେଳେ ଦ୍ୱିତୀୟ ପ୍ରଶ୍ନ ପଚାରିଲି—ମହାଜନକୁ ଋଣ ଶୁଝିଲୁଣି କି ?' ତା' ଅର୍ଥ ବାପାମାଆଙ୍କୁ ଖାଇବାକୁ ଦେଲୁଣି କି ?

କାଠୁରିଆଠାରୁ ସେ କଥାର ରହସ୍ୟ ଶୁଣିଲାବେଳେ ରାଜାଙ୍କୁ ବଡ଼ ମଜା ଲାଗୁଥାଏ । ସେ ଏଥର କହିଲେ—"ତୋର ଦୁଇଟି କଥାର ମର୍ମ ମୁଁ ବେଶ୍ ବୁଝିଲି । ଏଥର କହ, ସେ 'ରାଜ୍ୟ' 'ରାଜା', 'ମନ୍ତ୍ରୀ' ଏବଂ 'ସହସ୍ର ଦୀପକ'ର ଅର୍ଥ କ'ଣ ?

କାଠୁରିଆ ହାତ ଯୋଡ଼ି କହିଲା—"ମହିମା ! ଆମେ ତ ଗରିବ ଲୋକ । ଦିନେ ଦିନେ ଟଙ୍କାଟିକର ଡାଲି, ଚାଉଳ କିଣିବା ପରେ ରାତିରେ ତେଲ ଟିକିଏ କିଣି ଦୀପଟିଏ ଜାଳିବାକୁ ଆଉ ପଇସା ଅଣ୍ଟେନା । ଏଭଳି ପରିସ୍ଥିତିରେ ମୋର ସ୍ତ୍ରୀ କ'ଣ କରେ—ବିଡ଼ାଏ ନଡ଼ା ଜଳାଇଦିଏ,

Digitized by srujanika@gmail.com

ତାଆର ଆଲୁଅରେ ମୁଁ ବସି ଖାଏ । ସେଇଟା ମୋ ପାଇଁ ସହସ୍ର ଦୀପକ । ଏବେ 'ମନ୍ତ୍ରୀ', 'ରାଜ୍ୟ' ଏବଂ 'ରାଜା'ର ଅର୍ଥ କହୁଛି ଶୁଣନ୍ତୁ । ମୋ ବିଚାରରେ ପ୍ରତ୍ୟେକ ଲୋକ ତା' ଘର ପରିସର ମଧ୍ୟରେ ରାଜା । ତା'ର

[କାଠୁରିଆ କଥା ରାଜା ବୁଝିନପାରି ତାକୁ ପଚାରୁଛନ୍ତି]

Digitized by srujanika@gmail.com

ଗ୍ରେଟିଆ ସଂସାର ତା' ପାଇଁ ଗୋଟିଏ ରାଜ୍ୟ ସଙ୍ଗେ ସମାନ । ରାଜାଙ୍କ ପାଖରେ ଯେମିତି ଅତି ବିଶ୍ୱସ୍ତ ଲୋକଟିଏ ମନ୍ତ୍ରୀ ପଦରେ ଥାଏ · ଯେମିତି ପ୍ରତ୍ୟେକ ଗୃହସ୍ଥ ପାଖରେ ତା'ର ସ୍ତ୍ରୀ ହେଉଛି ମନ୍ତ୍ରୀ । ପ୍ରଭୁ ଯେମିତି ରାଇଜର ଭଲମନ୍ଦ, ପ୍ରଜାମାନଙ୍କର ଭଲମନ୍ଦ ମନ୍ତ୍ରୀଙ୍କ ସାହାଯ୍ୟରେ ବୁଝନ୍ତି ସେମିତି ଘରେ ଥିବା ଲୋକଙ୍କର ହାନିଲାଭ, ସୁଖଦୁଃଖ ବୁଝିବା ହେଉଛି— ଘରେ ଯେଉଁ ରାଜା ଥାଆନ୍ତି ତାଙ୍କର କର୍ତ୍ତବ୍ୟ । କାଲି ରାତିରେ ଧନସାର ଖଟଣିରୁ ଫେରି ସେଇ କର୍ତ୍ତବ୍ୟ ମୁଁ ପାଳନ କରୁଥିଲି । ଏଥିଲାଗି ମହିମା ଯଦି ମତେ ସନ୍ଦେହ କରି ଦୋଷୀ ବୋଲି ବିଚାରୁଥାନ୍ତି—ମୁଁ ନିରୁପାୟ ।

ପ୍ରକୃତରେ କଥାଟା ସତ । ରାଜା ଆଉ କାଠୁରିଆକୁ ଦଣ୍ଡ ଦେବେ କ'ଣ—ତାଙ୍କୁ ଏକ ସହସ୍ର ସ୍ୱର୍ଣ୍ଣମୁଦ୍ରା ଦେଇ ବିଦା କଲେ । ସେଇ ଧନ ପାଇ କାଠୁରିଆ ତା' ଛୋଟିଆ ସଂସାରଟିକୁ ଆହୁରି ମଜଭୁତ କରି ଗଢ଼ିଲା ।

●

ଟିପ୍ପଣୀ :

ଏ ଗପଟିରୁ ଅତୀତ ସମାଜର ଜୀବନଧାରା ଏବଂ ଚଳଣି ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ସବୁ ମିଳେ । ଏକଥା ଆଜି ଯଦିଓ କେହି ବିଶ୍ୱାସ କରିବେନି, ତେବେ ଏହା ନିରାଟ ସତ୍ୟ ଯେ—ଯୁଗ ଥିଲା ଗୋଟିଏ ଟଙ୍କାର ଡାଲି ଚାଉଳରେ ଗୋଟିଏ ପରିବାରର ଦିନଟିଏ ଚଳିଯାଉଥିଲା । ସେତେବେଳେ ଜଣେ ଦରିଦ୍ର ଲୋକ ମଧ୍ୟ ପରିବାରର ସମସ୍ତଙ୍କ କଥା ·· ଚିନ୍ତା କରୁଥିଲା ଏବଂ ସମସ୍ତଙ୍କ କଥା ଠିକ୍ ଠିକ୍ ବୁଝୁଥିଲା । ଘରଣୀଯୁ ପରମ୍ପରାରେ ଆତିଥେୟତାକୁ ଉଚ୍ଚସ୍ଥାନ ଦିଆଯାଇଛି । ତାହା ମଧ୍ୟ ସେ ପାଳନ କରୁଥିଲା । ରାଜା ସେତେବେଳେ ଅଜ୍ଞାତ ବେଶ କରି ପ୍ରଜାଙ୍କର ଭଲମନ୍ଦ ବୁଝୁଥିଲେ ଏବଂ ତା'ର ପ୍ରତିକାର କରୁଥିଲେ ।

Digitized by srujanika@gmail.com

କେନ୍ଦ୍ରାପଡ଼ା କେମିତି ହେଲା ?

ଆଜର ନୁହେଁ—କ କାଲର ନୁହେଁ—କ ଚଦରବନର ନୁହେଁ; କାହିଁ କେତେକାଳର କଥା । କେନ୍ଦ୍ରାପଡ଼ାଠୁଁ ପଶ୍ଚିମକୁ ଲଳିତଗିରି ବୋଲି ଗୋଟିଏ ପାହାଡ଼ ଅଛି । ସେଇ ପାହାଡ଼ରେ ରହୁଥାଏ ଗୋଟାଏ ପ୍ରବଳ ପରାକ୍ରମୀ ଅସୁର । ନାଆଁ ତା'ର କନ୍ଦରାସୁର । ତା'ର ଜଣେ ଖଳ ଏବଂ ଗୁଣ୍ଡା ପ୍ରକୃତିର ସେନାପତି ଥାଏ—ତା' ନାଆଁ ହେଉଛି ମଧୁଦୈତ୍ୟ । ମଧୁଦୈତ୍ୟକୁ ନେଇ କନ୍ଦରାସୁର ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରକୁ ଥରହର କରୁଥାଏ । ଲୋକେ ତା' କବଳରୁ ରକ୍ଷା ପାଇବା ପାଇଁ 'ତ୍ରାହି ଗୋବିନ୍ଦ' 'ତ୍ରାହି ଗୋବିନ୍ଦ' ଭଜୁଥାନ୍ତି ।

ଦଇବ ଯୋଗକୁ ଏଇ ସମୟରେ ତୀର୍ଥ ଭ୍ରମଣରେ ଆସି ଶ୍ରୀକୃଷ୍ଣଙ୍କର ବଡ଼ଭାଇ ବଳରାମ ସେଇ ଅଞ୍ଚଳରେ ପହଞ୍ଚିଲେ । ସବୁ ଲୋକଯାକ ଏକାଠି ମିଳି ତାଙ୍କ ନିକଟରେ ଯାଇ ଗୁହାରି କଲେ—"ପ୍ରଭୁ ! ଯେମିତି ହେଲେ ଆପଣ କନ୍ଦରାସୁରକୁ ମାରି ଆମକୁ ତା' ଉତ୍ପାତରୁ ରକ୍ଷା କରନ୍ତୁ । ନଚେତ୍ ତା'ର ଅତ୍ୟାଚାରରେ ପିଲାଛୁଆଙ୍କୁ ଧରି ରହିବା ଆମ ପକ୍ଷରେ ଆଉ ସମ୍ଭବ ନୁହେଁ ।"

ଭଗବାନ ବଳରାମ ସେକଥା ଶୁଣି ଲୋକମାନଙ୍କୁ ଆଶା ଆଶ୍ୱାସନା ଦେଲେ । ଯିମିତିହେଲେ ସେ କନ୍ଦରାସୁର ଏବଂ ତା'ର ସେନାପତି ମଧୁଦୈତ୍ୟକୁ ମାରି ସେମାନଙ୍କୁ ପୂର୍ବଶାନ୍ତି ଫେରାଇଦେବେ ।

ସେଉଠୁ ବଳରାମ ହାତରେ ହଳମୂଷଳ ଧରି ଲଳିତଗିରି ଅଭିମୁଖେ ଯାତ୍ରା କଲେ । ଦୂତ ମୁଖରୁ ସେ ସମ୍ବାଦ ଯେମିତି ସେନାପତି ମଧୁଦୈତ୍ୟ ପାଇଛି, ସେ ସେମିତି ଆସି ବଳରାମଙ୍କର ବାଟ ଓଗାଳିଲା । ଦେଖୁ ଦେଖୁ ଦୁହିଁଙ୍କ ମଧ୍ୟରେ ଲାଗିଗଲା ଘମାଘୋଟ ଲଢ଼େଇ । ସକାଳୁ ଆସି ସଞ୍ଜ ହେଲା, ତଥାପି ମଧୁଦୈତ୍ୟ ସେମିତି ଲଢୁଥାଏ । ଶେଷକୁ ବଳରାମ ଲଙ୍ଗଳ ମୂନରେ ମଧୁଦୈତ୍ୟର ଛାତିକୁ ବିଦାରିଦେଲେ । ତା'ର ଶବ

Digitized by srujanika@gmail.com

ଯାଇଁ ଗୋଟିଏ ନଈ ଭିତରେ ପଡ଼ି ତା'ର ପାଣିକୁ ଲାଲେଲାଲ୍ କରିଦେଲା । ମଧୁଦୈତ୍ୟର ଶବ ଯେଉଁ ନଈରେ ଭାସି ଭାସି ଯାଇ ସାଗରରେ ପଡ଼ିଲା, ସେଇ ନଈର ନାମ ସେଇଦିନଠୁ ହେଲା 'ମଧୁସାଗର' । ଏବେ ମଧ ସେ ନଈଟି ଦେଖିବାକୁ ମିଳେ ।

[ବଳରାମଙ୍କ ସହ କନ୍ଦରାସୁରର ଯୁଦ୍ଧ]

Digitized by srujanika@gmail.com

ମଧୁଦୈତ୍ୟକୁ ବିନାଶ କଲା ପରେ ଏଥର ବଳରାମ ଦୁଇଗୁଣ ଉତ୍ସାହ ନେଇ କନ୍ଦରାସୁରକୁ ନିଧନ କରିବା ଲାଗି ଖୋଜି ବୁଲିଲେ । ତେଣେ ମଧ୍ୟ କନ୍ଦରାସୁର ବିକଟାଳ ଗର୍ଜନ କରି ଗୋଟାଏ ହାତରେ ଲଳିତଗିରି ପାହାଡ଼ରୁ ଖଣ୍ଡେ ଅନ୍ୟ ହାତରେ ବିଶାଳ ଏକ ଗଦା ଧରି ବଳରାମଙ୍କୁ ମାରିବା ଲାଗି ଧାଇଁଆସିଲା ।

ଏବେ ଯେଉଁ ଅଞ୍ଚଳକୁ ଆମେ କେନ୍ଦ୍ରାପଡ଼ା କହୁଛୁ, ସେଇଠି ବଳରାମ ଏବଂ କନ୍ଦରାସୁରଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ହେଲା । କନ୍ଦରାସୁର କ'ଣ ସ୍ୱପ୍ନରେ ସୁଦ୍ଧା ଭାବିଥିଲା ବଳରାମଙ୍କର ଏତେ ବଳ ବୋଲି ? ପ୍ରବଳ ଯୁଦ୍ଧ ପରେ ବଳରାମଙ୍କର ହଳମୂଷଳ ଆଘାତରେ ଅସୁରର ମୁଣ୍ଡ ଗଣ୍ଡିରୁ ଅଲଗା ହୋଇଯାଇ ସେଠାରୁ ଆଠକୋଶ ଦୂରରେ ପଡ଼ିଲା । ଯେଉଁ ସ୍ଥାନରେ ଅସୁରର ମୁଣ୍ଡ ବା ଶିର ପଡ଼ିଲା, ସେଇଦିନଠୁ ସେ ସ୍ଥାନର ନାମ ହେଲା—ଅସୁରଶିର ବା ଅସୁରେଶ୍ୱର । ଆଉ ଅସୁରର ଗଣ୍ଡିଟା ଯେଉଁଠି ପଡ଼ିଲା—ସେ ସ୍ଥାନର ନାମ ସେଇଦିନଠୁଁ ହେଲା 'ବଳଗଣ୍ଡି' ।

ଅସୁର ନିଧନ ହେବାରୁ ଚାରିଆଡ଼େ ଆନନ୍ଦର ଉତ୍ସବ ଲାଗିଲା । ଲୋକେ ଦୁଆରେ ଦୁଆରେ ଚୂତଡାଳରେ ତୋରଣ କରି ପୂର୍ଣ୍ଣକୁମ୍ଭ ସ୍ଥାପନ କଲେ । ଚୁଆ-ଚନ୍ଦନ, ସିନ୍ଦୂର ନେଇ ସ୍ତ୍ରୀଲୋକମାନେ ବଳରାମଙ୍କୁ ବନ୍ଦାପନା କଲେ । ଶଙ୍ଖ ବଜେଇଲେ । ଯେଉଁ ଗାଆଁରୁ କାଳିକାଳକୁ ଶୋକ ଗଲା, ସେ ଗାଆଁର ନାମ ସେଇଦିନ ହେଲା—'ବିଶୋକ' । ଏବେ ବି ବିଶୋକ ଗ୍ରାମ ଅଛି ।

ତା'ପରର କଥା···

କନ୍ଦରାସୁରର ତୁଳସୀ ନାମରେ ଗୋଟିଏ ଝିଅ ଥିଲା । ଅସୁରର ଝିଅ ହେଲେ କ'ଣ ହେବ, ସେ ଦେବଅଂଶୀ । ସେ ଏତିକିବେଳେ କାନ୍ଦି କାନ୍ଦି ଆସି ବଳରାମଙ୍କୁ କହିଲା—"ପ୍ରଭୁ ! ପିତା ମୋର ଯେମିତି କର୍ମ କଲେ ସେମିତି ଫଳ ପାଇଲେ । ସେଥିପାଇଁ ମୋ ମନରେ ଦୁଃଖ ନାହିଁ । ତେବେ ମୋର ଆପଣଙ୍କୁ ଗୋଟିଏ ଅନୁରୋଧ—ସେ ଯେତେବେଳେ ଆପଣଙ୍କ ହାତରେ ନିହତ ହୋଇଛନ୍ତି—ସବୁ ପାତକ ତାଙ୍କର ଶେଷ ହୋଇଯାଇଛି । ବର୍ତ୍ତମାନ ତାଙ୍କର ନିର୍ଦ୍ଦୋଷ ପିଣ୍ଡକୁ ଏମିତି ଫିଙ୍ଗିଦେଲେ

Digitized by srujanika@gmail.com

ଲୋକେ ଆପଣଙ୍କର ନିନ୍ଦା କରିବେ । ଦୟାକରି ଆପଣ ତାଙ୍କୁ ପୋଡ଼ିବାର ବନ୍ଦୋବସ୍ତ କରନ୍ତୁ ।"

ଝିଅଟିର ଆକୁଳ ନିବେଦନ ଶୁଣି ବଳରାମଙ୍କ କଣ୍ଠରେ ଦୟା ବସିଲା । ସେ ଲୋକମାନଙ୍କ ଦ୍ୱାରା ଅସୁରର ଶବକୁ ଏକାଠି କରି ପୋଡ଼ିବାର ବନ୍ଦୋବସ୍ତ କଲେ ।

ଯୋଉ ସ୍ଥାନରେ କନ୍ଦରାସୁରର ଶବ ପୋଡ଼ାଗଲା—କାଳକ୍ରମେ ସେହି ସ୍ଥାନକୁ ଲୋକେ "କନ୍ଦରାପୋଡ଼ା' ବା କେନ୍ଦରାପଡ଼ା ବୋଲି କହିଲେ । ବର୍ତ୍ତମାନ ଏହାକୁ 'କେନ୍ଦ୍ରାପଡ଼ା' କହୁଛନ୍ତି ।

'ତୁଳସୀ'ର ରୂପ, ଗୁଣରେ ମୁଗ୍ଧ ହୋଇ ସେଇ ବାପଛେଉଣ୍ଡୀ ଝିଅଟିକୁ ପରମ କରୁଣାମୟ ବଳରାମ ତହିଁ ବିବାହ କଲେ ।

ତୁଳସୀ ସହିତ ବହୁକାଳ ଧରି ସେ ଯୋଉ କ୍ଷେତ୍ରରେ ବାସ କରିଥିଲେ—ସେ କ୍ଷେତ୍ରକୁ ଲୋକେ 'ତୁଳସୀ କ୍ଷେତ୍ର' ବୋଲି କହନ୍ତି ।

ଆଜି ସେ ବଳରାମ କି ସେ ତୁଳସୀ ନାହାନ୍ତି, ହେଲେ କାଳକାଳକୁ ମୁଖରୁ ମୁଖ ହୋଇ ଲୋକମୁଖରେ ଏ କଥା କିନ୍ତୁ ରହିଛି । ଯୋଉଠି ବଳରାମ ତୁଳସୀକି ନେଇ ବାସ କରୁଥିଲେ, କାଳକ୍ରମେ ଲୋକେ ଏ ସ୍ଥାନରେ ଦେଉଳଟିଏ ତୋଳି ଦେଇଛନ୍ତି । ଯେଉଁଠାରେ ଏବେ ବି ପୂଜା ପାଉଛନ୍ତି—'ବଳଦେବଜୀ' । ତାଙ୍କର ରଥଯାତ୍ରା ଭାରତ ଓଡ଼ିଶା ବିଖ୍ୟାତ ।

●

ଟିପ୍ପଣୀ :

ଏଠାରେ ଅଜ୍ଞାତ କଥିକ, ବଳରାମଙ୍କ ପରି ଜଣେ ବରେଣ୍ୟ ପୁରୁଷଙ୍କ ସହିତ ନିମ୍ନସ୍ଥ ଜାତିର ଗୋଟିଏ ଝିଅକୁ ବିବାହ ଦେଇ ଜାତିପ୍ରଥାର ବିଲୋପ ପାଇଁ ପ୍ରଶଂସନୀୟ ଉଦ୍ୟମ କରିଛନ୍ତି । ଦେବତା ଯୋଉଠି ଜାତି ନଦେଖି ଗୁଣ ଦେଖନ୍ତି—ସେଠାରେ ମଣିଷ ସେସବୁ ହୀନ କୁସଂସ୍କାରକୁ ମନରେ ସ୍ଥାନ ନଦେବା ଉଚିତ ।

Digitized by srujanika@gmail.com

ମାମୁ ଭଣଜା ପାହାଡ଼ର ଜନ୍ମକଥା

ଚଲିକାରେ ଦୁଇଟି ପାହାଡ ରହିଛି । ସେଥିରୁ ଗୋଟିଏ ହେଉଛି ଛୋଟ, ଅନ୍ୟଟି ହେଉଛି ବଡ଼ । ଛୋଟ ପାହାଡ଼ର ନାମ ମାମୁ ଓ ବଡ଼ ପାହାଡ଼ର ନାମ ଭଣଜା । ଏ ପାହାଡ ଦୁଇଟି କୁଆଡୁ ଆସିଲେ—ଲୋକେ କାହିଁକି ତାଙ୍କୁ ସେ ନାମରେ ନାମିତ କଲେ -ଏହି ବିଷୟରେ ସେ ଅଞ୍ଚଳର ଲୋକମାନେ ଗୋଟିଏ କଥାଣି କହନ୍ତି ।

କାହିଁ କେତେକାଳର କଥା । ବାଣପୁର ରାଜ୍ୟରେ ରହୁଥାଏ ମାମୁ ବାଣାସୁର । ଆଉ ତା'ର ଭଣଜା ପରମେଶ୍ୱର ସିଂହ ସେ ରହୁଥାଏ ଘୁମୁସର ରାଜ୍ୟରେ ।

ଥରକତ ଭଣଜା ପରମେଶ୍ୱର, ପୁରୀ ବାହାରିଲା ଜଗନ୍ନାଥଙ୍କ ଦର୍ଶନ ପାଇଁ । ବାଟରେ ପଡ଼ିବ ମାମୁଙ୍କ ରାଜ୍ୟ ! ପରମେଶ୍ୱର ଭାବିଲା—ଏକାଥରେ 'ପାତର ଦେଖା—କଦଳୀ ବିକା, ଦୁଇ କଥା ହେବ । ଜଗନ୍ନାଥଙ୍କ ଦର୍ଶନକୁ ଜଗନ୍ନାଥ ଦର୍ଶନ, ତା' ସଙ୍ଗେ ସଙ୍ଗେ ମାମୁଙ୍କ ସହିତ ସାକ୍ଷାତ ।

ଭଣଜା ସିନା ଏତେ ଉଷତ ହୋଇ ଆସି ବାଣପୁର ରାଜ୍ୟ ସୀମାରେ ପହଞ୍ଚିଲା--ମାତ୍ର ତା' ଆସିବା କଥା ଶୁଣି, ବାଣାସୁର ରାଗି କୋପାନଳ । କି କଥା କ'ଣ ? ତା'ର ଅପଲ ରାଟ, ଭଣଜା ତାକୁ ଅପମାନିତ କରିଛି । ଯଦି ତା'ର ଆସିବାର ଥିଲା ସେ କାହିଁକି ଆଗରୁ ଖବର ନଦେଇ ଆସିଲା । ତହୁଁ ସେ ନିଜର ସୈନ୍ୟମାନଙ୍କୁ ଆଦେଶ ଦେଲା—"ଯାଅ, ଏଇ ମୁହୂର୍ତ୍ତରେ ଭଣଜାକୁ ମୋର ବାନ୍ଧିଆଣି ମୋ' ସମ୍ମୁଖରେ ଉପସ୍ଥିତ କରାଅ ।"

ସୈନ୍ୟମାନେ ଆଡୁ ଗଲାବେଳକୁ ଭଣଜା ତେଣେ ଚଲିକା ପାରିହୋଇ ପୁରୀକୁ ବାହାରିଥାଏ । ସୈନ୍ୟମାନେ ଯେତେବେଳେ ପଛରୁ

Digitized by srujanika@gmail.com

ତାକୁ ଗୋଡ଼େଇଲେ ତା'ର ଆଶ୍ଚର୍ଯ୍ୟର ସୀମା ରହିଲାନି । ଯୋଉ କଥା କେବେକାଳେ ଦେଖାଶୁଣା ନଥିଲା—ସେଇକଥା । କିଏ ଜାଣିଥିଲା— ଭୁଚ୍ଛା କଥାଟାକୁ ଗଣ୍ଠି କରି ମାମୁ ତା'ର ଇମିତି ବଇରି ସାଜିବ ବୋଲି ? ସେ ତ ଯୁଦ୍ଧ ପାଇଁ ପ୍ରସ୍ତୁତ ନଥିଲା; ତଥାପି ଯୁଦ୍ଧରେ ଯୋଗ ଦେଲା । ହେଲେ କ'ଣ ହେବ ଶେଷକୁ ବନ୍ଦୀ ହୋଇ ଆସିଲା ମାମୁଙ୍କ ସାମନାକୁ ।



[ଚିଲିକା ମଧ୍ୟରେ ମାମୁ ଭଣଜା ପାହାଡ଼]

Digitized by srujanika@gmail.com

ଯେତେ କାକୁତି ମିନତି ହେଲେ ବି ମାମୁର କୋଉ ଦୟାମାୟା ଅଛି ? ସେ ଭଣଜାର କୌଣସି କଥାରେ କାନ ନଦେଇ ତାକୁ ମାଡ଼ିମାଡ଼ି ଜୀବନରେ ମାରିପକେଇଲା ।

ଧୁମୁସଣିଆ ପାଇକ ନିଜର ରାଜାଙ୍କୁ ହରାଇ ରାଗରେ ଏଣେ ଠାଇ ଠାଇ । ତାଙ୍କ ଭିତରେ ଜଣେ ଥିଲା ଥିଲା ସେ ଲୁଚି ଲୁଚି ଯାଇ ବାଣାମ୍ବୁର ବେକରେ ପକାଇଲା ଧରି ଶ୍ରେଟେ ।

ଏପାଖରେ ମରିପଡ଼ିଲୁ ଭଣଜା । ସେପାଖରେ ମରିପଡ଼ିଲା ମାମୁ । ସେ ଦୁହିଁଙ୍କର ଲହୁରେ ନାଳ ଚିଲିକାର ନୀଳ ପାଣି ନାଲି ହୋଇଗଲା ।

ଏ ଘଟଣାର କିଛିଦିନ ପରେ ଦେଖାଗଲା ଚିଲିକା କୂଳରେ ଦୁଇଟି ପାହାଡ଼ ଠିଆ ହୋଇଛି । ସେଥିରୁ ଗୋଟିଏ ହେଉଛି ମାମୁ ପାହାଡ଼ ଆଉଟି ହେଉଛି ଭଣଜା ପାହାଡ଼ । ସତେ ଯେମିତି ସେମାନେ ଚିଲିକା ପାଣିରେ ନିଜର ଅନୁତାପ ଲୁହକୁ ମିଶାଇ ଦେଇ କହୁଛନ୍ତି—"ସର୍ବନାଶ-କାରୀ ଯୁଦ୍ଧ ଏବଂ ରକ୍ତପାତ ଅପେକ୍ଷା ଶାନ୍ତିମୟ ଜୀବନଯାପନ ଢେର୍ ଭଲ । ହେ ମଣିଷ ଜାତି ! ଆମକୁ ଦେଖି ତୁମେ ଅନ୍ତତଃ ଏତିକ ଶିଖ ।"

ଲୋକକଥାରେ ଓଡ଼ିଶାର 'ରାଜା ମହାରାଜା'

ପାଟଣାଗଡ଼ର ରାଜା

ଆଗରୁ ଗୋଟିଏ କଥା ଥିଲା—"ଯିଏ 'ନିକଳଙ୍କ ନାଥ' ଉପାଧି ଲାଭ କରିବ, ଓଡ଼ିଶାରେ ସେଇ କେବଳ ରାଜତ୍ୱ କରିବ ।" ସେଇ ଉପାଧି ଲୋଭରେ ସବୁବେଳେ ଛତିଶଗଡ଼ର ଚେଦିବଂଶୀୟ ରାଜାଙ୍କ ମଧ୍ୟରେ କଳହ ଲାଗୁଥିଲା । ସେଇ କଳହରୁ ମଝିରେ ମଝିରେ ଯୁଦ୍ଧର ସୂତ୍ରପାତ ମଧ୍ୟ ହେଉଥିଲା ।

ଥରକର ହମିର ଦେଓ ନାମକ ଜଣେ ରାଜା ଏବଂ ଚେଦିବଂଶୀୟ ଜଣେ ରାଜାଙ୍କ ମଧ୍ୟରେ ଏହି ଉପାଧିକୁ ନେଇ ଯୁଦ୍ଧ ପ୍ରସ୍ତୁତି ଚାଲିଲା ।

Digitized by srujanika@gmail.com

କୋଶଳ ଏବଂ ବଳାସପୁରର ସୀମା ଥିଲା ଏଇ ଯୁଦ୍ଧସ୍ଥଳୀ । ସେଠାକୁ ଯୁଦ୍ଧ କରିବାକୁ ଯିବା ପୂର୍ବରୁ ହମିର ଦେଓ ତାଙ୍କର ରାଣୀଙ୍କୁ ପାଖକୁ ଡାକି କହିଲେ—"ଦେଖ, ଏଇ ଯୁଦ୍ଧଯାତ୍ରା ସମୟରେ ମୁଁ ସଙ୍ଗରେ ଦୁଇଟି ପୋଷାପାରା ନେଇଯାଉଛି । ଯୁଦ୍ଧ ଚାଲିଥିଲା ଭିତରେ ଏଇ ପାରା ଦୁଇଟି ଯଦି ତୁମ ନିକଟକୁ ଫେରିଆସିବେ, ତୁମେ ଜାଣିବ ମୋର ମୃତ୍ୟୁ ହୋଇଛି । ଯଦି ଫେରି ନଆସିବେ, ତେବେ ଜାଣିବ ମୋର ବିଜୟ ହୋଇଛି । ସେଇ ଅନୁସାରେ ତୁମେ ତୁମର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ।" ଏତିକି ରାଣୀମାନଙ୍କୁ ପ୍ରବୋଧନା ଦେଇ ହମିର ଦେଓ ଯୁଦ୍ଧଯାତ୍ରା କଲେ ।

ରାଣୀମାନେ ସ୍ୱାମୀଙ୍କର କଥା ମାନି ସେଇ ସଙ୍କେତ ପ୍ରତି ତୀକ୍ଷ୍ଣ ନଜର ରଖିଥାନ୍ତି । ଏଇ ସମୟରେ ଦିନେ ଦେଖାଗଲା ପୋଷାପାରା ଦୁଇଟି ରାଜପ୍ରାସାଦକୁ ଫେରିଆସିଛନ୍ତି । ସେକଥା ଦେଖି ତିନିରାଣୀ ନିଶ୍ଚିତ ହେଲେ—ଯୁଦ୍ଧରେ ରାଜାଙ୍କର ମୃତ୍ୟୁ ଘଟିଛି । ସେମାନେ ତତ୍କ୍ଷଣାତ୍ ଆଜି ଆଗପଛ ବିଚାର ନ କରି ଚିତା ପ୍ରସ୍ତୁତ କଲେ ଏବଂ ସେଇ ଚିତାକୁ ଡେଇଁପଡ଼ି ପ୍ରାଣ ବିସର୍ଜନ କଲେ ।

ସାନରାଣୀ, ସେ ବି ପ୍ରାଣ ବିସର୍ଜନ କରିଥାନ୍ତେ । କିନ୍ତୁ ଆଜି ଅଳ୍ପଦିନ ପରେ ତାଙ୍କର ମା' ହେବାର ଥାଏ । କେବଳ ସେଇ ପିଲାଟି ଲାଗି ସେ ସ୍ଥିର କଲେ ଯେମିତି ହେଲେ ବଞ୍ଚିକି ରହିବେ ।

ଗଡ଼ରେ ଦୁଃଖର ରୋଳ ଛୁଟିଛି । ତା'ରି ଭିତରେ ସମସ୍ତଙ୍କ ଅଲକ୍ଷ୍ୟରେ ସେ ଗୋଟିଏ ହାତୀ ପିଠିରେ ବସି ଜଙ୍ଗଲକୁ ଚାଲିଗଲେ । ତାଙ୍କ ସଙ୍ଗରେ ଯେଉଁ କେତେଜଣ ଦାସଦାସୀ ଏବଂ ମାହୁନ୍ତ ଆସିଥିଲେ, ସେମାନେ ତାଙ୍କୁ ଖରିଆଡ଼ ରାଜ୍ୟର ସୀମା ପାର କରିଦେଇ ପୁଣି ଗଡ଼କୁ ଫେରିଗଲେ ।

ରାଣୀ ଏବେ ଏକାକୀ । ତଥାପି ମନରେ ସାହସ ବାନ୍ଧି କେମିତି ସେ ଯାଇ ପାଟଣାରେ ପହଞ୍ଚିବେ, ସେଥିପାଇଁ ଦ୍ରୁତ ପଦରେ ଚାଲିଥାନ୍ତି । ଖରିଆଡ଼ ସୀମା ଏବଂ ପାଟଣା ମଝିରେ ପାଟପାନ ପର୍ବତ । ସେଇ ପର୍ବତକୁ

Digitized by srujanika@gmail.com

ସେ ଅନ୍ତଃସ୍ଥ କରିବାକୁ ବସିଛନ୍ତି--ଏଇ ସମୟରେ ତାଙ୍କର ପ୍ରସବ ବେଦନା ଆରମ୍ଭ ହେଲା ।

ଏଣେ କ୍ଲାନ୍ତଶ୍ରାନ୍ତ ଶରୀର, ତେଣେ ଦୁଃସହ ପ୍ରସବପୀଡ଼ା । ରାଣୀ ତାକୁ ସହ୍ୟ କରି ନ ପାରି ଖୁବ୍ ଜୋର୍‌ରେ କ୍ରନ୍ଦନ କଲେ ।

ସେତିକିବେଳକୁ ପାଖ ଗାଆଁର ଝାଙ୍କର ଝାଙ୍କରାଣୀ ସେ ପର୍ବତର ପାଦଦେଶକୁ ଫଳମୂଳ ସଂଗ୍ରହ କରିବାକୁ ଆସିଥାନ୍ତି । ନିକଟରେ କ୍ରନ୍ଦନ ଧ୍ୱନି ଶୁଣି ଘଟଣା କ'ଣ ଜାଣିବା ଲାଗି ସେ ପାଖକୁ ଧାଇଁଗଲେ । ଦେଖିଲେ ବଡ଼ଘରର ବୋହୂଟିଏ ପୁଅଟିଏ ଜନ୍ମ ଦେଇ ମୂର୍ଚ୍ଛା ହୋଇ ପଡ଼ିଛି । ସେମାନେ ତହୁଁ ପୁଅ ଏବଂ ମାଆଙ୍କୁ ନେଇ ଜଣେ ବରିହାଙ୍କ ଜିମାରେ ରଖାଇଦେଲେ ।

ବରିହା ବଡ଼ରି ଖୁବ୍ ଭଲ ଲୋକ । ମାଆ ଏବଂ ପୁଅକୁ ସେ ନିଜ ଘରେ ଅତି ଯତ୍ନରେ ପାଳିଲା । ନିଜ ନାଆଁ ଅନୁସାରେ ପିଲାଟିର ନାଆଁ ରଖିଲା—'ରମାଇ' ।

ଶିଶୁଟି କ୍ରମେ ପୂନିଅଁ ଜହ୍ନପରି ବଢ଼ିବାକୁ ଲାଗିଲା । ରୂପ ଗୁଣରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା ।

ଆଗେ ରାଜାଙ୍କ ପାଖରେ ଯେଉଁ ମଲ୍ଲମାନେ ରହୁଥିଲେ ତାଙ୍କୁ ମଲ୍ଲିକ କୁହାଯାଉଥିଲା । ସେ ଗ୍ରାମରେ ପାଟଣା ରାଜ୍ୟର ସେମିତି ଜଣେ ମୁଖ୍ୟ ମଲ୍ଲିକ ରହୁଥିଲେ । ଭବିଷ୍ୟତରେ ପିଲାଟି କାଳେ ତାଙ୍କରି ଜରିଆରେ ରାଜ ଅନୁଗ୍ରହ ଲାଭ କରିବ—ଏଇ ଆଶା କରି ସେ ବରିହା ତହୁଁ ମାଆ ପୁଅଙ୍କୁ ନେଇ ତାଙ୍କରି ଘରେ ରଖାଇ ଦେଲେ ।

ବାଳକ ରମାଇ ପ୍ରତିଦିନ ମଲ୍ଲିକାଙ୍କର ଗାଈଗୋରୁ ନେଇ ବଣକୁ ଚରେଇବାକୁ ଯାଏ । ଦିନକର ତା'ର ଫେରିବା ବିଳମ୍ବ ଦେଖି ନିଜେ ମଲ୍ଲିକ ତାକୁ ଖୋଜିବା ପାଇଁ ଜଙ୍ଗଲକୁ ଗଲେ । ଜଙ୍ଗଲରେ ପହଞ୍ଚି ସେ ଯାହା ଦେଖିଲେ ସେଥିରେ ଆଶ୍ଚର୍ଯ୍ୟ ନହୋଇ ରହିପାରିଲେ ନାହିଁ ।

ଖରାରେ ଗାଈ ଚରେଇ କ୍ଲାନ୍ତହୋଇ ରମାଇ ଗୋଟିଏ ଗଛମୂଳେ ଶୋଇପଡ଼ିଛି । ତା' ମୁହଁରେ ଖରାପଡ଼ିବା ଦେଖି କୁଆଡ଼ୁ ଆସି ଗୋଟିଏ ନାଗସାପ ଫଣା ଟେକି ଛାଇ କରିଛି ।

Digitized by srujanika@gmail.com

ଏହା ଦେଖି ମଲ୍ଲିକା କହିଲେ—ଏ ପିଲାଟି ନିଶ୍ଚୟ ଜାଣ ଯଶସ୍ୱୀ ମହାପୁରୁଷ। ଏ ଭବିଷ୍ୟତରେ ରଜା ହେବା ସୁନିଶ୍ଚିତ । ଏମିତି କହିବା ପରେ ସେ ପିଲାଟିକୁ ବଣକୁ ଗାଈ ଚରେଇବାକୁ ନପଠାଇ ରାଜପୁଅ ପରି ପାଳିଲେ। ସେ ତ ନିଜେ ଜଣେ ମଲ୍ଲ—ରମାଇକୁ ସେ ମଲ୍ଲବିଦ୍ୟା ଖଣ୍ଡାଖେଳ, ଘୋଡ଼ାଚଢ଼ା ଆଦି ଶିଖାଇବାକୁ ଲାଗିଲେ । ମନ ଥିବାରୁ ରମାଇ ଅଳ୍ପଦିନ ମଧ୍ୟରେ ସେ ସବୁ ଶିଖିଗଲା ଏବଂ ଜଣେ ବିଚକ୍ଷଣ ଯୋଦ୍ଧାରେ ପରିଣତ ହେଲା ।

ଏଇ ସମୟରେ ପାଟଣା ରାଜ୍ୟ ଆଠଜଣ ମଲ୍ଲିକଙ୍କ ଦ୍ୱାରା ଶାସିତ ହେଉଥାଏ। ତରୁଣ ରମାଇ ନିଜ ବାହୁବଳରେ ଛଅଜଣ ମଲ୍ଲିକଙ୍କୁ ପରାସ୍ତ କରି ପାଟଖଣ୍ଡା ଲାଭକଲେ। କ୍ରମେ ପାଟଣା ରାଜ୍ୟର ରଜା ବୋଲାଇଲେ। ସେଇଦିନଠୁଁ ତାଙ୍କର ନାମ ହେଲା—'ରମାଇଦେଓ' । ସେ ହେଉଛନ୍ତି ଚୌହାନ ବଂଶର ପ୍ରତିଷ୍ଠାତା ।

ହତଭାଗିନୀ ମାଆଙ୍କ ମୁଖରୁ ପୂର୍ବରୁ ରମାଇ ଦେଓ ସବୁକଥା ଶୁଣିଥିଲେ। ରଜା ହେବାମାତ୍ରେ ସେ ପ୍ରଥମେ ନିଜର ପୈତୃକ ରାଜ୍ୟ ଖଇରାଗଡ଼କୁ ନିଜର ଅକ୍ତିଆରକୁ ଆଣିଲେ । ଏହାପରେ ବୌଦ୍ଧ ମଧ୍ୟ ତାଙ୍କର ଅଧିକାରକୁ ଆସିଲା। ଲୋକେ କହନ୍ତି ତାଙ୍କର ଗୁଣଗରିମା ଏବଂ ବୀରତ୍ୱରେ ମୁଗ୍ଧ ହୋଇ ସ୍ୱୟଂ ପୁରୀରଜା ସେତେବେଳେ ତାଙ୍କର ଝିଆଣୀକୁ ତାଙ୍କ ସହିତ ବିବାହ ଦେଇଥିଲେ ।

ରଜା ରମାଇ ଦେଓ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ମୂର୍ତ୍ତି ଆଣି ତାଙ୍କ ଲାଗି ନିଜ ରାଜ୍ୟରେ ମନ୍ଦିର ନିର୍ମାଣ କରିଥିଲେ। ବିରଜା-ମଣ୍ଡଳରୁ ତେରଜଣ ବ୍ରାହ୍ମଣ ଆଣି ଠାକୁରଙ୍କର ସେବାପୂଜାରେ ନିଯୁକ୍ତ କରିଥିଲେ ।

କେବଳ ବୀରତ୍ୱ ନୁହେଁ ଜଣେ ସୁଶାସକ ଭାବରେ ମଧ୍ୟ ସେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ ।

ତେବେ ଯୋଉ ହମିରଦେଓଙ୍କୁ ନେଇ ଆମର ଗପଟି ଆରମ୍ଭ ହୋଇଥିଲା ଏବଂ ତାଙ୍କର ମୃତ୍ୟୁ ଲାଗି ଏଣେ ଏତେ କାଣ୍ଡ ଘଟିଗଲା, ସେ ପ୍ରକୃତରେ ଯୁଦ୍ଧରେ ନିହତ ହୋଇନଥିଲେ। ପାଣି ପେଇଲାବେଳେ ତାଙ୍କ

ରଖୁଆଳର ଅସାବଧାନତାରୁ ଗାଈ ଦୁଇଟି ଖସି ରାଜବାଡ଼ିକୁ ପଳାଇଥିଲେ । ଯୁଦ୍ଧକ୍ଷେତ୍ରରେ ଯେତେବେଳେ ରାଜାଙ୍କ ନିକଟରେ ଶତ୍ରୁର ରାଣୀ ଅଗ୍ନିରେ ଝାସ ଦେଇଥିବାର ଦୁଃସମ୍ବାଦ ପହଞ୍ଚିଲା—ଦୁଃଖରେ ସେ ମ୍ରିୟମାଣ

[ରମାଇ ଶୋଇଛନ୍ତି ଏବଂ ସାପ ତା' ମୁଣ୍ଡ ଉପରେ ଫଣା ଟେକିଛି]

ହୋଇ ଅସ୍ତ୍ର ତ୍ୟାଗକଲେ ଏବଂ ପରାସ୍ତ ହେଲେ । ପରେ—ବଣକୁ ପଳାଇଯାଇ ସେଠାରେ ସନ୍ନ୍ୟାସୀ ଜୀବନଯାପନ କଲେ ।

Digitized by srujanika@gmail.com

ଏଥିରେ କାହାର ବା କ'ଣ ହାତ ଅଛି ? ଗଣ୍ଡଗୋଳଆ ପରସ୍ଥିତି ହେତୁ ଏଭଳି ଅପ୍ରତ୍ୟାଶିତ ହିଂସ୍ରାକାଣ୍ଡ ସବୁ ଘଟିଗଲା । ତେବେ ଏହାଦ୍ୱାରା ଲଭ ଯେତିକ ହେଲା, କ୍ଷତି ମଧ୍ୟ ସେତିକ ହେଲା । ମହାସ୍ୱସୀ ସାନରାଣୀ ଯିନା ରାଜମାତା ବୋଲାଇଲେ, କନ୍ତୁ ରାଜା (ନଜର ସ୍ୱାମୀ) ବଞ୍ଚି ଥାଉ ଥାଉ ସେ ବୈଧବ୍ୟ ଯନ୍ତ୍ରଣା ଭୋଗକଲେ ।

ପୁଣି ଏଣେ ରମାଇ ଦେଓ ଯେତେବେଳେ ନଜର ଅପହୃତ ପୈତୃକ ରାଜ୍ୟ ଅଧିକାର କଲେ ସେତେବେଳେ ସେକଥା ହମିର ଦେଓ ଜାଣିଥିଲେ କ ନାହିଁ କଏ କହିବ ?

ଏସବୁ ଭାଗ୍ୟର ବଡ଼ମ୍ବନା ।

ଲୋକକଥାରେ ଓଡ଼ିଶାର ନଦୀ ଝରଣା

ରାଣୀମା'

ଏ ଆଜକାଲର କଥା ନୁହେଁ । ବହୁଦନ ତଳର । ଜେଜେବାପାଙ୍କ ଜେଜେବାପା କ ତାଙ୍କ ଜେଜେବାପା ଅମଳର କଥା । ଆଜକାଲି ଆମେ ଯାହାକୁ କେନ୍ଦୁଝର କ ମୟୂରଭଞ୍ଜ ବୋଲ କହୁଛୁ, ସେତେବେଳେ ସେ ଥିଲା—ଗୋଟିଏ ରାଜ୍ୟ । ତା' ନାଆଁ ଥିଲା—'ହରହରପୁର' । ଗୋଟିଏ ପଟରେ ଭୂୟାଁ ପୀଢ଼, ଅନ୍ୟ ପଟରେ ହରହରପୁର । ବଣ ଜଙ୍ଗଲ ଦେଇ ଚାଲ ଚାଲ ଗଲେ ନହାତି କମ୍‌ରେ ଚାରି ପାଞ୍ଚ ଦନର ରାସ୍ତା । ତା' ବ୍ୟତୀତ ହରହରପୁର ଯିବା ବାଟରେ ଅନେକ ପାହାଡ଼, ପର୍ବତ, ଘାଟି, ଜଙ୍ଗଲ, ବାଘଭାଲୁ, ଅଜଗର ସାପ । ଥରେ ଯାଇ ସେଠାରୁ ଜୀବନ ନେଇ ନରାପଦରେ ଫେରିହେବ କ ନାହିଁ—ସେକଥା କହିବା ମଧ୍ୟ ମୁସ୍କିଲ । ପୁଣି ଖରାଦନେ ଯାହା ଯେମିତି ଯାଇହେବ—ବର୍ଷାଦନେ ନଈନାଳ ପାଣିରେ ଉଛୁଳୁଥିବାରୁ ଯିବାଆସିବା ସଂପୂର୍ଣ୍ଣ ବନ୍ଦ ।

Digitized by srujanika@gmail.com

ଏମିତିସବୁ ଅସୁବିଧାକୁ ଆଖିଆଗରେ ରଖି ଥରେ ଭୂୟାଁ ପୀଢ଼ର ଲୋକମାନେ ସ୍ଥିର କଲେ, ସେମାନେ ଗୋଟିଏ ନଆଁରେ ରାଜ୍ୟ ବସେଇବେ । ଘାଲେଣି ପଡ଼ଲା, ବଜାପୁଅ ନହେଲେ—ପୁଣି ରାଜା ହେବ କିଏ ? ସେ ଅଡ଼ୁଆ ମଧ୍ୟ ତୁଟିଗଲା । ଠିକ୍ ହେଲା ହରିହରପୁର ରାଜ୍ୟର ସାନ ରାଜକୁମାରଙ୍କୁ ଆଣି ସେମାନେ ଗାଦିରେ ବସେଇବେ ।

ସେଉଠୁ ସେମାନେ ଯାଇ ସାନ ରାଜକୁମାରଙ୍କୁ ଆଣିଲେ । ଦେବାମେହ୍ରରେ କାର୍ତ୍ତିକେଶ୍ୱର ଯେମିତି ହଣନ୍ତି, ସେ ସାନ ରାଜକୁମାରଙ୍କ ଚେହେରା ଦେଖିବାକୁ ଠିକ୍ ସେମିତିକା ।

ସୁନାଚଢ଼େଇକୁ ତ ଆଉ ଲୁହାପଞ୍ଜୁରିରେ ରଖିହେବନି—ତା'ଲାଗି ଲୋଡ଼ା ସେଇ ସୁନାର ପଞ୍ଜୁରି । ସେମିତି ରାଜାପୁଅଙ୍କୁ ରଖିବା ପାଇଁ ଲୋକେ ଲାଗିପଡ଼ି ନଯୁାଗଡ଼, ନଯୁାକୋଟ, କଣ୍ଡରାଗଡ଼ ଓ କରୁଆ ଆଦିକୁ ନେଇ ଗୋଟିଏ ଗଡ଼ ତିଆରି କଲେ । ଗଡ଼ ଜଗିବା ପାଇଁ ଗଡ଼ ଦୁଆରେ ଥାପନା କଲେ 'ଦୁଆରଶୁଣି' ଦେବୀ । ରାଜକୁମାର ତ ଆଉ ସାଧାରଣ ଲୋକଙ୍କ ପରି ଯା'ଇଚ୍ଛା ତା' ଖାଇବେନି, ତାଙ୍କର ମଣୋହି ପାଇଁ ସୁମିଷ୍ଟ ଖାଦ୍ୟ, ଯଥା—ଦିବ୍ୟ ଅନ୍ନ, କ୍ଷୀରସାଗର, ରସକେଳୀ, ଛାଟ ମନୋହର କର୍ପୂର କେଳୀ, ରସକୋରା, ମଗଜ ଲଡୁ ଆଦିର ମଧ୍ୟ ବ୍ୟବସ୍ଥା କରାଗଲା । ପରିଧାନ କରିବା ଲାଗି ଯୋଗେଇଦିଆଗଲା ନାନାବିଧ ମଣିମାଣିକ୍ୟରେ ଖଚିତ ରାଜବସ୍ତ୍ର । ଚଢ଼ିବା ଲାଗି ଖୋଜା-ହୋଇ ଆସିଲା ପାଟଘୋଡ଼ା, ପାଟ ପାଲିଙ୍କି ।

ରାଜାପୁଅ ଯେତେବେଳେ, ସେ ତ ଖାଲି ଅପୂସରେ ବଢ଼ିବେନି, ପାରିଧିକ ମଧ୍ୟ ଯିବେ !

ସେ ରାଜକୁମାରଙ୍କର ମଧ୍ୟ ପାରିଧି ସଉକ ଖୁବ୍ ବେଶି । ମଝିରେ ମଝିରେ ପାଇକମାନଙ୍କୁ ନେଇ ସେ ପାରିଧିକ ଯାଆନ୍ତି ।

ଥରକର କଥା । ରାଜକୁମାର ଏମିତି ପାରିଧିକ ଯାଇ ବଣ ମଧ୍ୟରେ ଥିବା ଏକ ରମଣୀୟ ସ୍ଥାନରେ ପହଞ୍ଚିଲେ । ସେ ସ୍ଥାନଟା ଥିଲା ପାହାଡ଼, ବଣ ଏବଂ ଗୋଟିଏ ଝରଣାର ଠିକ୍ ସଙ୍ଗମ ସ୍ଥଳ । ନନ୍ଦନକାନନକୁ ଜିଣି ତା'ର ଶୋଭା । ଚଢ଼ଆଢ଼େ କିଚିରିମିଚିରି ଗୀତଗାଇ ପାତିରଙ୍ଗର

Digitized by srujanika@gmail.com

ଚଢ଼େଇ ସବୁ ଉଡ଼ ବୁଲୁଥା'ନ୍ତି । ସେ ସ୍ଥାନଟିକୁ ଦେଖିବାମାତ୍ରେ ରାଜକୁମାର ଘୋଡ଼ାଧର କଥା ଭୁଲିଯାଇ ନିର୍ନିମେଷ ନୟନରେ ପ୍ରକୃତିର ସେଇ ଅପାସୋରା ସମ୍ପଦ ଆଡ଼େ ଚାହିଁ ରହିଲେ । ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ—କବି ଏ ଯୋଉ କଥା କହିଛନ୍ତି—ପ୍ରକୃତରେ ସେ ସ୍ଥାନଟି ସେଇଭଳି ।

ରାଜକୁମାର ଖଣ୍ଡିଏ ପଥର ଉପରେ ବସି ପ୍ରକୃତିକି ଏମିତି ଉପଭୋଗ କରୁଥା'ନ୍ତି—ଏଇ ସମୟରେ ଦୁଇଟି ହରିଣ ହରିଣୀ ଝରଣାକୁ ପାଣି ପିଇବାକୁ ଆସିଲେ । ରାଜକୁମାରଙ୍କର ଅଜାଣତରେ ତାଙ୍କର ହସ୍ତ କାନ୍ଧ ଉପରେ ଥିବା ତୂଣୀରରୁ ଶରଟିଏ ବାହାର କରି ଆଣିଲା । ଶରଟିକୁ ଧନୁରେ ଯୋଚି ସେ ପୁଣି ହରିଣ ହରିଣୀ ଆଡ଼କୁ ଚାହାନ୍ତି ତ ଦେଖିଲେ ତାଙ୍କ ପଛରେ ଆଉ ଗୋଟିଏ ହରିଣୀ । ଏ ହରିଣୀ ତେବେ ଠିକ୍ ସେଇ ହରିଣୀ ନୁହେଁ, ଗୋଟାଏ ସୁନାର ହରିଣୀଠାରୁ ମଧ୍ୟ ଆହୁରି ସୁନ୍ଦର···ଆହୁରି ଆକର୍ଷଣୀୟ । ସେ ଯେମିତି ନାଚିକୁଦି ଆସୁଥିଲା ତାକୁ ଦେଖି ରାଜକୁମାରଙ୍କର ମନେହେଲା—ଏ ଯେମିତି କଳନାଦିନୀ ଗୋଟିଏ ବନଝରଣା ।

ହଠାତ୍ ସେଇ ସୁନାହରିଣୀ ସେଇ ବନଝରଣା ତାଙ୍କ ସାମ୍ନାରେ ଗୋଟିଏ ମଧୁମତୀ ଅପ୍ସରାରେ ପରିଣତ ହୋଇ ଛିଡ଼ାହୋଇଗଲା ।

"ଏ ନିର୍ଜନ ବନରେ ପୁଣି ରାଜକନ୍ୟା ପରି ଦିଶୁଥିବା ଅପୂର୍ବ ସୁନ୍ଦରୀ ଝିଅ !"—ଆଶ୍ଚର୍ଯ୍ୟ ଏବଂ ଆନନ୍ଦରେ ରାଜକୁମାରଙ୍କର ସୀମା ରହିଲାନାହିଁ ।

ତେଣେ ସେଇ ଲଜ୍ଜାବତୀ ଯୁବତୀଟି ଏଭଳି ଏକ ସୁନ୍ଦର ନବ-ଯୁବକକୁ ଦେଖି ଲାଜରେ ପଡ଼ି ଯାଇଁ ତଳକୁ ମୁହଁପୋତି ଛିଡ଼ା ହୋଇଥାଏ । ତା'ର ସୌନ୍ଦର୍ଯ୍ୟରେ ବେଳକୁ ବେଳ ରାଜକୁମାରଙ୍କର ମନ ଲବଣୀ ଭଳି ତରଳି ତରଳି ଯାଉଥାଏ । ଝିଅଟି ଦେବକନ୍ୟା ହେଉ, ନାଗକନ୍ୟା ହେଉ, ରାଜକନ୍ୟା ହେଉ କି କେଉଁ ଆଦିବାସୀ କନ୍ୟା ହେଉ, ସେଥିରେ ଯାଏ ଆସେ କ'ଣ ? ପ୍ରଥମ ଦେଖାରେ ସେ ତାଙ୍କର ମନଟିକୁ କିଣିନେଇଛି—ସେଇ ଯଥେଷ୍ଟ । ଏମିତି ଝିଅକୁ ସରଳବଣୀ ରାଜ୍ୟର ରାଜା ଯେ ହୋଇଥିବ ସେ ମଧ୍ୟ ମନ କରିବ ରାଣୀ କରିବାକୁ ।

Digitized by srujanika@gmail.com

ରାଜକୁମାର ଭଲପାଇ ବସିଲେ ସେ ଲାବଣ୍ୟବତୀ ଝିଅଟିକୁ । ସେ ଝିଅଟି ମଧ୍ୟ ତାଙ୍କୁ ଭଲପାଇ ବସିଲା । ତା'ର ନଜର ହୋଇ ଯାହା-କିଛି ଥିଲା, ନିଜ ସହିତ ସବୁକୁ ମିଶେଇ ସେ ସମର୍ପଣ କରିଦେଲା ରାଜକୁମାରଙ୍କ ପାଦରେ । ତା'ର ନାରୀସୁଲଭ ଆଚରଣରେ ରାଜକୁମାର

[ରାଜକୁମାରଙ୍କ ଆଗରେ ଆବିର୍ଭୂତା ଅପ୍ସରା]

Digitized by srujanika@gmail.com

ମୁଗ୍ଧ ଏବଂ ବିସ୍ମିତ । ରାଜନଅରରେ ବଢ଼ିଥିବା ଝିଅଟିଏ ମଧ୍ୟ ତାଙ୍କ ମନକୁ ଏମିତି ଆକର୍ଷିତ କରିନଥାନ୍ତା । ତାଙ୍କ ଯେ ଦୁହେଁ ସୂର୍ଯ୍ୟଚନ୍ଦ୍ରଙ୍କୁ ସାକ୍ଷୀ ରଖି ପରସ୍ପରକୁ ବରଣମାଳା ବନ୍ଧନରେ ଆବଦ୍ଧ କଲେ ।

ଏଣିକି ଆଉ ରାଜକୁମାରଙ୍କର ମନ ରାଜପ୍ରାସାଦରେ ସ୍ଥିରହୋଇ ରହୁନାହିଁ । ସବୁବେଳେ ଧାଇଁଯାଏ ସେଇ ରମଣୀୟ ସ୍ଥାନକୁ । ସେଇ ପରମସୁନ୍ଦରୀ ଝିଅଟିକୁ ଯେମିତି ହେଲେ ଥରୁଟିଏ ଦେଖିବା ଲାଗି ସେ ମନ ଚଢ଼େଇଟି ଧାଇଁବା ଲାଗି ବାଧ୍ୟ । କାରଣ ତା' ଗୋଡ଼ରେ ବଣୁଆ ଝିଅଟି ତା' ଭଲପାଇବାର ରେଶମୀ ଡୋରିକୁ ଭଲରୂପେ ବାନ୍ଧି-ଦେଇଛି—ଯେତେବେଳେ ଡୋରିଧରି ସେ ଟାଣୁଛି, ମନ ଚଢ଼େଇଟି ଆଉ ନଯାଇ ରହିପାରିବ କୁଆଡ଼ୁ ? ଯେଉଁଠି ସେ ଝିଅ···ସେଇଠି ତାଙ୍କ ସ୍ୱର୍ଗ ।

ହିନକୁହିନ ରାଜକୁମାରଙ୍କର ଏଭଳି ଅଦ୍ଭୁତ ଖିଆଲ ବଢ଼ି ବଢ଼ି ଚାଲିଲା ପଛେ କମିଲା ନାହିଁ ।

କାନ୍ଥବାଡ଼ର ବି କାନ ଅଛି । ଏକଥା କେତେହିନ ଛପିଥାନ୍ତା ? କଥାଟା କ୍ରମେ ଯାଇ ଭୁଇଁୟାମାନଙ୍କ କାନରେ ପଡ଼ିଲା । ସେକଥା ଶୁଣି ସେମାନେ ଅସ୍ଥିର ହୋଇଉଠିଲେ ।

ରାଇଜର ରାଜା ଯେତେବେଳେ, ରାଣୀ ହେବାପାଇଁ ତାଙ୍କର ରାଜକନ୍ୟାଟିଏ ଲୋଡ଼ା । ସେ ଝିଅଟି ଅନିନ୍ଦ୍ୟସୁନ୍ଦରୀ ହୋଇପାରେ ତା' ବୋଲି ସିଏ ତ ରାଜକନ୍ୟା ନୁହେଁ; ଆସି ଏତେବଡ଼ ରାଜ୍ୟର ରାଣୀ ହେବ ? ସେ ଗୋଟିଏ ତଳ ଶ୍ରେଣୀର ବଣୁଆ ଝିଅ । ତା' ଉପରେ ରାଜକୁମାରଙ୍କର ଏତେଦୂର ମମତା ଯେମିତି ଶୋଭନୀୟ ନୁହେଁ, ସେମିତି ସେ ଝିଅ ମଧ୍ୟ ରାଜକୁମାରଙ୍କୁ ପାଇବା ପାଇଁ ଏତେବଡ଼ ସାହସ ପୋଷଣ କରିବା ଆଦୌ କ୍ଷମଣୀୟ ନୁହେଁ । ଏକଥା ନୂଆକରି ଗଢ଼ିଉଠିଥିବା ରାଜବଂଶ ଏବଂ ରାଜକୁମାରଙ୍କ ଆଭିଜାତ୍ୟ ଦେହରେ କଳଙ୍କର ଟିକା ଲଗାଇଦେବ ।

ଭୁଇଁୟାମାନେ ଝିଅଟିକୁ ଘୃଣା ଏବଂ ଅବଜ୍ଞା ଚକ୍ଷରେ ଦେଖିବା ସଙ୍ଗେ ସଙ୍ଗେ ଗୋପନରେ ବସି ଶେଷରେ ଏଇ ସିଦ୍ଧାନ୍ତ ନେଲେ—ତାକୁ ଯେମିତି ହେଲେ ଶେଷ କରିବାକୁ ପଡ଼ିବ । ତା'ର ଏଇ ହେଉଛି ଅପରାଧ—ସେ କାହିଁକି ଏତେ ରୂପଲାବଣ୍ୟ ନେଇ ଜନ୍ମ ହେଲା ? ଯଦିବା

Digitized by srujanika@gmail.com

ଜନ୍ମହେଲା, କାହିଁକି ସେ ଗୋଟାଏ ବାମନର ଝିଅ ହୋଇ ସରଗ ଚାନ୍ଦକୁ ପାଇବାଲାଗି ହାତ ବଢ଼ାଇଛି । ଯଦିବା ସେ ବଢ଼ାଇଲା ତା' ପ୍ରତି ରାଜକୁମାର ବା କାହିଁକି ଅନୁରାଗୀ ହେଲେ ? ଯଦିବା ହେଲେ, ଗୋଟିଏ ନିମ୍ନ ଜାତିର ଝିଅ, ଯାହାକୁ ଘୃଣା କରିବା କଥା, ତାକୁ ରାଣୀ ଆସନରେ ବସାଇ କିଏ ଏଇନେ ଯିବ ତା' ଉପରେ ସ୍ନେହ ଭକ୍ତିର ପୁଷ୍ପ ଅଜାଡ଼ି ଦେବାପାଇଁ ! ଯେଉଁମାନଙ୍କର ସ୍ଥାନ ସର୍ବଦା ପାଦତଳେ ତାଙ୍କୁ ମୁଣ୍ଡ ଉପରେ ବସାଇବ କିଏ ? ନା ନା, ଏ ଅପ୍ରତ୍ୟାଶିତ ପରିସ୍ଥିତି ସମାଧାନର କେବଳ ଗୋଟିଏ ଉପାୟ ରହିଛି; ତା' ହେଉଛି—ଝିଅଟିର ଜୀବନ ବଳି !

କାଲେ ରାଜାପୁଅ ଏ କଥାର ସୂଚକ କିଛି ପାଇବେ ସେଥିପାଇଁ ରାତାରାତି ସେମାନେ ସେଇ ନିଷ୍ପାପ ଝିଅଟିକୁ ଝାଡ଼ଜଙ୍ଗଲ ମଧ୍ୟ ଦେଇ ନେଇଗଲେ—ପାଲଲହଡ଼ା ସୀମାକୁ । ସେଇଠି ଗୋଟିଏ ସ୍ଥାନରେ ଗମ୍ଭୀର ଗାତଟିଏ ଖୋଳି ତା'ରି ଭିତରେ ଝିଅଟିକୁ ଜିଅନ୍ତା ପୋତିପକାଇଲେ । ତା' ଉପରେ ଜଣା ନପଡ଼ିବା ଲାଗି ଘାସପତ୍ର ଏବଂ ଲଟା ଆଦି ଘୋଡ଼ାଇ-ଦେଇ ଆସିଲେ । ସେଇ ଅଜଣା ଝିଅଟିର ବଣ ରାଇଜରେ ଜନ୍ମ । ସେଇ ବଣ ରାଇଜରେ ବି ବିନା ଦୋଷରେ ଶାସ୍ତି ଭୋଗ କରିବା ତା' କପାଳରେ ଥିଲା !

ଯେଉଁ ଝରଣା ନିକଟରେ ରାଜକୁମାର ନିଜର ହୃଦୟ ଛାଡ଼ିଦେଇ ଆସିଛନ୍ତି ତା'ଠାରୁ ବା ସେ ଦୂରରେ ରହିବେ କେମିତି ? ରାତିପାହିବା ମାତ୍ରେ ସବୁଦିନ ପରି ରାଜକୁମାର ଘୋଡ଼ା ଛୁଟାଇଦେଲେ ସେଠାକୁ । କିନ୍ତୁ କାହିଁ, ତାଙ୍କର ପ୍ରେୟସୀ କାହିଁ ? ରାଜକୁମାର ତା'ର ନାଆଁ ଧରି ଅନେକ ଡାକିଲେ । ଚିତ୍କାର କଲେ । ସେ ଧ୍ୱନି ବଣପାହାଡ଼ରେ ବାଧା ପାଇ ପ୍ରତିଧ୍ୱନି ହୋଇ ସିନା ତାଙ୍କ ନିକଟକୁ ଫେରିଆସିଲା; କିନ୍ତୁ ସେ ଝିଅଟି ଆଉ ଆସିଲାନି । କାଲି ରାତିରେ ଯେଉଁ ଭୟଙ୍କର ହିଂସ୍ର ବ୍ୟାଘ୍ରଟା ମାଡିଥିଲା—ତାକୁ ସେ ଖାଇ ଶେଷ କରିଦେଇଛି—ଏକଥା ରାଜକୁମାର ବା କାହୁଁ ଜାଣିବେ ? ତେବେ ଘଟଣାଟା କ'ଣ ହୋଇପାରେ ସେକଥା ଅନ୍ଦାଜ କରିବାକୁ ରାଜକୁମାରଙ୍କୁ ବେଶି ସମୟ ଲାଗିଲାନି । ତାଙ୍କର ବାରମ୍ବାର ମନେପଡ଼ିଲା ସେଇ ନିରୀହା ଝିଅଟିର କଥା! କେଇପଦ—

Digitized by srujanika@gmail.com

"ସମାଜର ତଳ ଶ୍ରେଣୀରେ ଯୋଉ ଝିଅଟି ଜନ୍ମ ହୋଇଥାଏ, ତା'ର କ'ଣ ସ୍ୱପ୍ନ ଦେଖିବା ମନା ? ଯୋଉଠି ମଣିଷ ଏତେ ପର···ସେଠାରେ କଏ ଦେବେ ନଜର ? କୁହ ପ୍ରିୟତମ ! ତୁମପାଇଁ ରାଣୀ ସାଜି ବସି ମୁଁ ଭୁଲ୍ କରୁନ ତ ?" କ'ଣ ସ୍ୱାର ମାନେ—ରାଜକୁମାର ଏବେ ସେକଥା ଭଲଭାବେ ବୁଝିପାରିଲେ । ଯେଉଁଠି ମଣିଷ ପ୍ରତି ଏତେ ଘୃଣା, ସେଠି ସେ କ ରାଜପଣ କରିବେ ? ଅସଲ କଥା ସେ ଝିଅଟି ବିନା ଏବେ ସେ ବଞ୍ଚିବେ କେମିତି । ଏମିତି ସେ ଝିଅଟି ଚିନ୍ତାରେ ଖିଆପିଆ ଛାଡ଼ିଦେଇ ରାଜକୁମାର ପାଗଳ ପରି ହୋଇଗଲେ । ବଞ୍ଚିବା ତାଙ୍କୁ ବିଷପିତା ଲାଗିଲା । ଶେଷରେ ସେଇ ଅଜଣା ଝିଅଟିର ପବିତ୍ର ସ୍ମୃତିକୁ ଝୁରି ଝୁରି ସେ ପାହାଡ଼ ଉପରୁ ତଳକୁ ଡେଇଁପଡ଼ି ଆତ୍ମହତ୍ୟା କଲେ । ଲୋକେ ହାଁ ହାଁ କରୁକରୁ ସବୁ ଶେଷ !!

ଏ ଘଟଣାର ଅନେକଦିନ ପରେ ଦିନେ ଦେଖାଗଲା—ଭୂସ୍ୱାମୀମାନେ ଝିଅଟିକୁ ଯେଉଁ ସ୍ଥାନରେ ଜୀବନ୍ତ ସମାଧି ଦେଇଥିଲେ ଠିକ୍ ସେଇ ସ୍ଥାନରୁ କଳକଳନାଦିନୀ ଝରଣାଟିଏ ଆଖିରୁ ଧାର ଧାର ଲୁହ ଗଡ଼େଇ ଝରଝର ହୋଇ ଝରିପଡ଼ୁଛି । ସତେ ଯେମିତି ଝିଅଟି ସେ ସମାଧି ମଧ୍ୟରେ କାନ୍ଦି କାନ୍ଦି ତା' ପ୍ରିୟତମଙ୍କ ଲାଗି ସୃଷ୍ଟି କରିଛି ସେ ଝରଣାଟିକୁ । ଆଜି ପ୍ରିୟତମଙ୍କ ନୈସର୍ଗିକ ମିଳନ ଆଶାରେ ଆଗେଇ ଚାଲିଛି—କଳକଳ ଛଳଛଳ ଅଶ୍ରୁଳ ସଙ୍ଗୀତର ଲହର ତୋଳି ଆଗକୁ ଆହୁରି ଆଗକୁ··· ତା'ର ସତୃଷ୍ଣ ଦୃଷ୍ଟି ଅହରହ ଯେମିତି ମମତାଭରା ଆହ୍ୱାନ କରୁଛି ତା'ର ପ୍ରିୟ ରାଜକୁମାରଙ୍କୁ ତା' ସହିତ ଏକାଠି ହୋଇ ପୁଣି ଥରେ ମିଶିଯିବା ପାଇଁ ।

ଏବେ ବି ନିର୍ଜନ ରାତିରେ ସେଇ ଝରଣା କୂଳରେ ବସିଲେ, ସେଇ ନିରୀହା ଝିଅଟିର କରୁଣ ସ୍ୱର ଶୁଣାଯାଏ ଆଉ ତା' ସହିତ ଶୁଭେ ରାଜକୁମାରଙ୍କର କଣ୍ଠସ୍ୱର—"ଆସ ରାଣୀ ଆଉ ଟିକେ ଆଗେଇଆସ ! ମୁଁ ଏଇଠି ତୁମଲାଗି ଅପେକ୍ଷା କରିଛି । ସାରାଜୀବନ ପାଇଁ ରାଜାରାଣୀ ହୋଇ ରହିବାକୁ କେତେ ସ୍ୱପ୍ନ ଦେଖିଥିଲେ···ମଣିଷ ସିନା ତା' ମଝିରେ ମିଛ ପାଚେରି ଛିଡ଼ା କଲା ! ଏବେ ଆମର ପରସ୍ପର ଆତ୍ମା ମଝିରେ

Digitized by srujanika@gmail.com

ପାଟେଶ୍ୱର ଛୁଡ଼ା କରି ଆମକୁ କିଏ ଅଲଗା କରୁଛି ମୁଁ ଦେଖେ ! ଆମର ଆତ୍ମା ଏବେ ଏକାଠି । ଆମେ ସବୁଦିନ ପାଇଁ ଏକ ଏବଂ ଅଭିନ୍ନ ! ଆସ ରାଣୀ, ମୁଁ ଏଇଠି ତୁମପାଇଁ ଅପେକ୍ଷା କରିଛି···ଆଉ ଟିକିଏ ଆଗେଇ ଆସ ।"

ରାଜାପୁଅର ସେଇ ରାଣୀ ଡାକ ସେ ପ୍ରବହମାନ ଝରଣାଟିକୁ କରିଛି 'ରାଣୀମାଆ' ।

ଭୂୟାଁ ରାଜ୍ୟର ରାଣୀ ହୋଇଥିଲେ ସେ କେତେ ପୁଅ ଝିଅଙ୍କର କେତେ ଦୁଃଖ ଦୁର୍ଦ୍ଦଶା ମୋଚନ କରିଥାନ୍ତା—ଏବେ 'ରାଣୀମାଆ' ଝରଣା ହୋଇ ସେ ଠିକ୍ ଲୋକମାନଙ୍କର ସେଇ ଉପକାର କରୁଛି । ସେଇ ସେବା କରୁଛି । ମାଆ ଭଳି ତା'ର ସ୍ନେହ ମମତାର ଜଳକୁ ସମସ୍ତଙ୍କୁ ଆଞ୍ଜୁଳା ଆଞ୍ଜୁଳା କରି ବାଣ୍ଟି ବାଣ୍ଟି ଚାଲିଛି । ସେଭଳି ମାଆଟିକୁ ପାଇ ଧନ୍ୟ ହୋଇଛନ୍ତି ସମସ୍ତେ ।

●

ଟିପ୍ପଣୀ :

'ରାଣୀମା' କେନ୍ଦୁଝର ଜିଲ୍ଲାର ପାହାଡ଼ ଭିତରୁ ବାହାରିଥିବା ଗୋଟିଏ ଝରଣା ବା ସ୍ରୋତ ନଈଟିଏ । ଖରାଦିନେ ସବୁ ନଦୀ ନାଳ ଶୁଖିଯାଏ—'ରାଣୀମା'ର ଧାର କିନ୍ତୁ ଶୁଖେନାହିଁ । ତାକୁ ନେଇ ଭୂୟାଁ-ମାନଙ୍କ ମଧ୍ୟରେ ପ୍ରଚଳିତ ଏ ଲୋକକଥା ।

ଲୋକକଥାରେ ଓଡ଼ିଶାର ସାଧବ, ସାଧବାଣୀ

ମୋ' କଥାଟି ସରିଲା

ଏକଦା ଓଡ଼ିଶା ମୂଲକରେ ରହୁଥିଲେ ଜଣେ ବଡ଼ ସାଧବ । ସେ ସାଧବ ବଡ଼ ନ୍ୟାୟବନ୍ତ । ଧୀରପଣରେ ମେରୁ ପରି । ବୀରପଣରେ ଯମପରି । ଧର୍ମପଣରେ କୁବେର ପରି । ଦାତାପଣରେ ଶିବ ପରି । ତାଙ୍କର ସାତ ପୁଅ । ଛଅ ପୁଅଙ୍କର ଛଅ ବୋହୂ । ଏକା ସାନପୁଅଟି

Digitized by srujanika@gmail.com

ବାହା ହୋଇନଥାଏ । ସେ ପୁଅଟି ଦେଖିବାକୁ ବଡ଼ ଶୋଭାକର । ତା' ତେଜ ସୂର୍ଯ୍ୟ । ଚନ୍ଦ୍ରକୁ ଜଣା-ଦୋଡ଼ଯୋଗୁ ପୁଅ ବୋଲି ଅତି ଅସୂୟରେ ବଢ଼ିଥାଏ । ସେ ଯେତେବେଳେ ଯାହା ମନେ କରେ, ସାଧବ ସାଧବାଣୀ ତାହା ପୂରଣ କରନ୍ତି ।

ଥରକର ଭୋରୁ ଭୋରୁ ସାହାଡ଼ା ଦାନ୍ତକାଠିଟିଏ ଆଣିବ ବୋଲି ସେ ତାଙ୍କ ବଗିଚାକୁ ଯାଇଛି, ଏଇ ସମୟରେ ଅଦ୍ଭୁତ ଦୃଶ୍ୟଟିଏ ଦେଖିଲା । ସେ ଦେଖିଲା କି ଦିବ୍ୟସୁନ୍ଦରୀ ଝିଅଟିଏ ଗୋଟିଏ ସାହାଡ଼ା ଗଛମୂଳେ ବସି ସକାଳର କଅଁଳ ଖରାରେ ତା'ର ବାରହାତ ଲମ୍ବ କେଶକୁ ଶୁଖାଉଛି । ତା' ରୂପର ଦୋଷଣିରେ ଚାରିଆଡ଼ ଉଜ୍ଜ୍ୱଳ ଦିଶୁଛି । ସେ ଝିଅଟିକୁ ଦେଖି ସାଧବ ସାନପୁଅର ଆଖି ତା' ଉପରେ ସେମିତି ଲାଖି ରହିଲା । ସେ ଏଥର ଧୀରେ ଧୀରେ ତା'ପାଖକୁ ଗଲା । କିନ୍ତୁ ସାହାଡ଼ା-ସୁନ୍ଦରୀର ଆଖି ଯେମିତି ତା' ଉପରେ ପଡ଼ୁଛି ସେ ଆଖିର ପଲକ ମାତ୍ରକେ ଯାଇ ଗଛ କୋରଡ଼ରେ ଲୁଚିଗଲା ।

ଆଉ କି ସାଧବପୁଅର ମନ କେଉଁଥିରେ ଲାଗେ ? ସେଇ ରୂପବତୀ ସାହାଡ଼ା-ସୁନ୍ଦରୀ ଠେଇଁ ଯାଇ ତା'ର ଧ୍ୟାନ ରହିଲା । ସେ ଭୁଲିଗଲା ଉଆସକୁ ଆସିଲା । ସେଉଁଠି ମୂଷାମାନେ କଣକଣ, ବଲେଇ ଘୁଅ ସଣସଣ···ଦଦରା ପଲଙ୍କ ପଡ଼ିଛି ସେଇଠି ସେଇ ଗମ୍ଭୀର ଘରେ ଯାଇ ମୁହଁମାଡ଼ ଶୋଇଲା । ତାକୁ ଅସନ ବସନ ବିଷ ହେଲା । ଖାଇବାକୁ ଡାକିଲେ ଖାଇଲାନି । ପିଇବାକୁ ଡାକିଲେ ପିଇଲାନି । କାହାରିକୁ କଥା ବି କହିଲାନି । ମନେମନେ ସେଇ ସାହାଡ଼ା-ସୁନ୍ଦରୀକି ଝୁରି ଝୁରି କଣ୍ଠା ହୋଇଗଲା ।

କିଏ କହିଲା—ଭୂତ ଲାଗିଲା । କିଏ କହିଲା—ପ୍ରେତ ଲାଗିଲା । କିଏ କହିଲା—ସାହାଡ଼ା ଦାନ୍ତକାଠି ଭାଙ୍ଗିବାକୁ ଯାଇଥିଲା, ତାକୁ ସେଠି ଡାଆଣୀ ଗ୍ରାସିଛି । କିଏ କହିଲା—ଦେବତା ଗୁହାରି ପଡ଼ୁଛି ।

ସାଧବ ଘରେ କୋଉ କଥା ଅଭାବ ? କେତେ ଗୁଣୀବୈଦ୍ୟ ଆସିଲେ । ଝାଡ଼ାପାଣି କଲେ । ମନ୍ତ୍ରତନ୍ତ୍ର ପଢ଼ିଲେ । ହେଲେ କୋଉଥିରେ କିଛି ଫଳ ହେଲାନି ।

Digitized by srujanika@gmail.com

ସାନ ଦିଅରର ଏ ଦଶା ଦେଖି ସାଧବର ବଡ଼ ଛଅ ବୋହୂ ଆସିଲେ । ଗୁଣ ନିୟମ ପକାଇ କେତେ ଗୁଣୁଆଇ ପଚାରିଲେ । ସେଥିରେ ବି କିଛି ଫଳ ହେଲାନି ।

[ସାହାଡ଼ା-ସୁନ୍ଦରୀ ସାହାଡ଼ାମୂଳେ ତା'ର କେଶ ଶୁଖାଉଥିବାର ସାଧବପୁଅ ଦେଖିଲା]

Digitized by srujanika@gmail.com

ଶେଷକୁ ଆସିଲା ସାଧବାଣୀ ବୁଢ଼ୀ । ସିଏ ବି ଖୋଲି ତାଡ଼ିକି କେତେ କଥା ପଚାରିଲା—"ମୋ ରୁକ୍ମଣୀଧନ, ଦରିଦ୍ରପସରା, ତୋତେ କୋଉ କଥା ଅପୂର୍ବ ! କହ, ତୁ କାହିଁକି ଏଠି ଶୋଉଛୁ ? କିଏ ତୋତେ କ'ଣ କହିଛି ? ମାଳୀ କି ଫୁଲ ନଦେଲା ? ରଜକ କି ଧୋବ ନକଲା ? ଭଣ୍ଡାରି କି ମର୍ଦ୍ଦନ ନକଲା ? ତାମ୍ବୁଳି କି ତାମ୍ବୁଲ ନଖଟିଲା ? କିଏ କ'ଣ ନକଲା ? କୋଉଥିଲାଗି ଏତେ ମାନଭର ହୋଇଛୁ ? ହଜି-ଯାଇଥିଲେ ଖୋଜେଇ ଦେବି । ଭାଙ୍ଗି ଯାଇଥିଲେ ଗଢ଼େଇ ଦେବି । କିଏ କ'ଣ କହିଥିଲେ ଶୁଳିକି ଦେବି । କହ ଧନ, କାହାକୁ ମାନ କରି ତୁ ଏମିତି ଶୋଇଛୁ ?"

ମାଆର ପ୍ରବୋଧ ଶୁଣି କେତେବେଳେକେ ସାଧବ ପୁଅର ତୁଣ୍ଡ ଖୋଲିଲା । ଥଙ୍ଗେଇ ଥଙ୍ଗେଇ କହିଲା—ମୁଁ ଆମ ବାଡ଼ିରେ ଥିବା ସାହାଡ଼ା ଗଛକୁ ବାହାହେବି ତ ହେବି—ନହେଲେ ମଲିଭଳି ତ ହେଲଣି – ଇମିତି ଶୁଖି ଶୁଖି ମରିବି ।"

ସାଧବାଣୀ ପୁଅର ଏ ଅଦ୍ଭୁତ ଜିଦ୍ ଦେଖି ଅବାକ୍ ହେଲା । କହିଲା—ଏଇ ଛୁଡ଼ର କଥାକୁ ମାନ କରି ଏତେ ଅବସ୍ଥା ? ଆଉ କ'ଣ ବାହା ହୁଅନ୍ତୁ ନାହିଁ କି ? କନିଆ ନମିଳିଲା ପରି ଏତେ ଅଧୀର କେଉଁଥି-ପାଇଁ ! କାଆଲି ମନେକଲେ କାଲି ବାହା ହେବୁ । ଦଶଟା ଇଚ୍ଛା କଲେ ଦଶଟା ବାହା ହେବୁ । ତୋ' ପାଇଁ ସୁବର୍ଣ୍ଣଗଡ଼ରୁ ସୁବର୍ଣ୍ଣବତୀ ବୋହୂ ଆସିବ ! କହିଲମାନେ ଲାବଣ୍ୟପୁରର ଲାବଣ୍ୟବତୀ ଆସି ପାଦ ମଞ୍ଜାଳିବ । ଛୁଡ଼ର ସାହାଡ଼ା ଗଛଟା ଲାଗି ଏତେ ସରି କିଆଁ ? ଆ···ଧନ ! ଏବେ ମଣୋହି କରିବୁ, ଆ ।

ଏତେ କଥାରେ କାହିଁକି ବା ସାଧବପୁଅର ମନ ଟଳିବ । ତା'ର ସେଇ ଏକା ଜିଦ୍ ସେ ସାହାଡ଼ାଗଛକୁ ବାହାହେବ ।

ସାଧବ ସାଧବାଣୀର ସାତ ପୁଅ । ସାତ ପୁଅରୁ ଆଠ ନାହିଁ କି ଛଣ୍ଡିଲେ ଗଣ୍ଡେଇବାକୁ ନାହିଁ । ନାହିଁ ନାହିଁ ସାନପୁଅର ଯଦି କିଛି ହୋଇଯାଏ କ'ଣ ହେବ ସକଳ ଧନ ଦରବ ଥାଇଁ ?

Digitized by srujanika@gmail.com

ବାଧ୍ୟହୋଇ ଶେଷକୁ ସାଧବାଣୀ ମଙ୍ଗିଲା । ସାଧବଙ୍କୁ ମନାଇ ସାନପୁଅକୁ ସେଇ ସାହାଡ଼ା ଗଛକୁ ମହା ଆଡ଼ମ୍ବରରେ ବାହା କରିଦେଲା ।

ସାଧବପୁଅ, ଯୋଉ କୋଠରିରେ ଶୁଏ, ସେଇ କୋଠରିରେ କଣ୍ଟା ହୋଇ ଆସି ସାହାଡ଼ାଗଛ ଠିଆ ହୋଇଥାଏ । ଦିନକର ରାତିରେ ସାଧବପୁଅ ଠାଏ ଲୁଚିକରି ବସିଲା । ଜମା ଶୋଇଲା ନାହିଁ କି ପଲକ ପକାଉ ନଥାଏ । ସାହାଡ଼ା-ସୁନ୍ଦରୀ ତ ରାତି ଥାଉଣୁ ଗାଧୋଇଯିବ । ଗାଧୋଇ ଆସି ପୁଣି ପଶିବ ଗଛ ଭିତରେ । ସେଥିପାଇଁ ସେ ଶୋଇ-ନଥାଏ । ଅଧରାତି ସରିକି ସାହାଡ଼ାସୁନ୍ଦରୀ ଗଛରୁ ଓହ୍ଲାଇଲା । ଯେମିତି ସେ ଗଛରୁ ଓହ୍ଲାଇଛି , ସେମିତି ସାଧବପୁଅ ଧରି ପକାଇଲା ତା' ହାତକୁ । ସାହାଡ଼ାସୁନ୍ଦରୀ ଆଉ ଯାଏ କୁଆଡ଼େ ? ଦୁହିଁଙ୍କର ହସଖୁସିରେ ରାତି ପାହିଲା ।

ସକାଳୁ ରାଇଜଯାକ ଯିଏ ଏ କଥା ଶୁଣିଲା, ସେ ଆଶ୍ଚର୍ଯ୍ୟ ହେଲା । ସାଧବପୁଅ ଯାହାକୁ ବାହାହୋଇଛି ସେ ସତେ ଯେମିତି ସ୍ୱର୍ଗର ଅପ୍ସରୀ···ଭାନୁମତୀ ଦେଶର ରାଜକନ୍ୟା !

ଗୁଣ୍ଡିବାଇଦ ସହସ୍ର କୋଶ । ଘଡ଼ିକ ଭିତରେ ସାଧବ ସାନ ବୋହୂର ରୂପଗୁଣ ରାଇଜଯାକ ପ୍ରଘଟ ହୋଇଗଲା । ସାହାଡ଼ାଗଛରୁ ବାହାରିଥିବାରୁ ସମସ୍ତେ ତାକୁ ଡାକଲେ—ସାହାଡ଼ାବଣି ! ସାହାଡ଼ା-ସୁନ୍ଦରୀ !

ଏଣିକି ସାଧବ ସାତବୋହୂଯାକ ନଇତି ଏକାଠି ବସି ଦୁଃଖସୁଖ ହୁଅନ୍ତି । ହସକୌତୁକ ଲଗାନ୍ତି । ସାଙ୍ଗହୋଇ ନଈକି ଗାଧୋଇ ଯାଆନ୍ତି । ଦିନକର ଏମିତି ସମସ୍ତେ ସାତଖଣ୍ଡି ସବାରି ଯୋଗାଡ଼ କରି ନଈକୁ ଗାଧୋଇ ଯାଇଥାନ୍ତି । ଗାଧୋଉ ଗାଧୋଉ ନଈର କଳାଘୁମ୍‌ର ପାଣିରେ କିଏ ବସି ଆପଣାର ଚନ୍ଦ୍ରଉଦିଆ ମୁହଁଟିକୁ ଦେଖୁଥାଏ ତ କିଏ ଦାନ୍ତ ଘଷୁଥାଏ । କିଏ ଚୂଡ଼ି ମାଜୁଥାଏ ତ କିଏବା ସୁନା ବାହକୁ ବସି ପଣତ କାନିରେ ରଗଡ଼ୁଥାଏ ।

Digitized by srujanika@gmail.com

ସାନବୋହୂର ତ ବାରହାତ ଲମ୍ବର ସୁନା କେଶ । ସେ ସେଇ ଓହାନ୍ତକେଶକୁ ଝଡ଼ା ପଣତରେ ଝାଡ଼ୁଥାଏ । ଏଇ ସମୟରେ ଦଇବ-ଯୋଗକୁ ସେଇ କେଶରୁ ଗୋଟିଏ ତା'ର ଛୁଡ଼ିଗଲା ।

କ'ଣ କରିବ ? ସେ ଏକା ନୁହେଁ, ଛଅ ଯା'ଆ ବି ସେଥିରେ ବିଚଳିତ ହୋଇପଡ଼ିଲେ । ଆଉ କିଛି ଉପାୟ ନପାଇ ସାହାଡ଼ାସୁନ୍ଦରୀ ସେଇ ବାରହାତ ଲମ୍ବ କେଶଟିକୁ ଗୋଟିଏ ସୁନା ଫରୁଆରେ ଭରି ନଈରେ ଭସେଇଦେଲା ।

ଗାଧୋଇସାରି ସାତଯାଆଯାକ ସବାରିରେ ବସି ଘରକୁ ଫେରିଲେ । ସୁନାଫରୁଆ ନଈ ସୁଅରେ ଭସି ଭସି ଯାଉଥାଏ । ତେଣେ କ'ଣ ହୋଇଛି ନା ରଜାପୁଅ ପାରିଧିକୁ ଆସି ତା' ପାଟଘୋଡ଼ାକୁ ପାଣି ପେଉଥାଏ ନଈରେ । ଦୈବାତ୍ ସୁନାଫରୁଆଟି ଭସି ଭସି ଯାଇଁ ଘୋଡ଼ା ମୁହଁରେ ଲାଗିଲା ।

ରଜାପୁଅ ସୁନାଫରୁଆଟିକୁ ଉଠାଇଆଣି ଦେଖେ ତ ତା' ଭିତରେ ବାରହାତ ଲମ୍ବର ସୁନାର କେଶଟିଏ ।

ଏତେ ଲମ୍ବର ସୁନ୍ଦର ଚିକ୍କଣ ସୁନାକେଶଟିକୁ ଦେଖି ରଜାପୁଅର ଆଖି ଖୋସିହୋଇଗଲା ତାକୁରେ । ଆହା, କିଏ ଏଇ ସ୍ୱର୍ଣ୍ଣକେଶୀ ? କିଏ ଏଇ କେଶବତୀ କନ୍ୟା ? କାହାର ଏ କେଶ ? ଯେଉଁ କନ୍ୟାର କେଶଟି ଏତେ ସୁନ୍ଦର, ସେ କନ୍ୟା କେଡ଼େ ସୁନ୍ଦରୀ ହୋଇନଥିବ !

ରଜାପୁଅର ମନଟି ବଡ଼ ଉଚ୍ଛନ୍ନ ହେଲା । ତାକୁ ଲାଗିଲା ଏ କେଶଟି ପାଖରେ ତା'ର ଅନେଶୋଡ ରାଣୀ ମଧ୍ୟ କିଛି ନୁହନ୍ତି । କିଛି ନୁହେଁ ତା'ର ରାଜଐଶ୍ୱର୍ଯ୍ୟ ରାଜଭୋଗ, ହାତିଘୋଡ଼ା, ହୀରାମାଳା, ମଣିମାଣିକ୍ୟ, ଗୋଲାପ, ଯେତେ ଯାହା ଅଛି । ଆଉ ପାରିଧିକୁ ଯିବ କ'ଣ ? ରାଜାପୁଅ ସେଇ ସ୍ୱର୍ଣ୍ଣକେଶଟିକୁ ଧରି ଉଆସକୁ ଛୁଟିଲା ।

ମାଲୁଣୀ ତ ସବୁଦିନ ଘରେ ଫୁଲ ଦିଏ, ତାକୁ ଡାକି ପଚାରିଲା— "ଚିହ୍ନିଲୁ ମାଲୁଣୀ, କାହାର ଏ କେଶ ?"

ମାଲୁଣୀ କହିଲା—"ସେ ଜାଣେନା !"

Digitized by srujanika@gmail.com

ତା'ପରେ ତାମ୍ବୁଳଣୀକ ଡାକ ପଚାରିଲା—"ଦେଖିଲୁ ତାମ୍ବୁଳଣୀ, କାହାର ଏ ସ୍ୱର୍ଣ୍ଣକେଶ ?"

ସେ ବି ମନାକଲା ।

ଶେଷକୁ ନାପିତୁଣୀକି ପଚାରିବାରୁ ସେ ଚହ୍ଲିପକେଇଲା । କହିଲା—"ଏ କେଶଟି ପରା ସାଧବଘରର ସବା ସାନବୋହୂର । ଆହା-ହା... ତା'ର ଯୋଉ ରୂପ ତା'ର ଯୋଉ ଛଟା, ଘୁମୁକର ଲକ୍ଷ ଏକା ଯିଏ ।"

ରାଇଜର ରଜା ହେଲେ କ'ଣ ହେବ, ତା'ର ପ୍ରକୃତି ଭଲ ନୁହେଁ, ସେ ଯେମିତି ଖିଆଲିଆ, ସେମିତି ଦୁର୍ଦ୍ଦାନ୍ତ ।

ନାପିତୁଣୀ ଠାରୁ ସବୁକଥା ଶୁଣି ସେ ଏଥର ତା' ଖଞ୍ଜାଖାଞ୍ଜରେ ରହିଲା । ମାଛଧରାର ନାଆଁଗନ୍ଧ ନାହିଁ ମିଛିମିଛିକା ସୁନାର ବନଶୀ ଖଣ୍ଡିଏ ଧରି ଧାଇଁଲା ସାଧବ ସାନବୋହୂ ଯୋଉ ଘାଟରେ ସିନାନ କରେ ସେଇଠିକି ।

ଏ ଖବର ଯେମିତି ସାଧବପୁଅ କାନରେ ପଡ଼ିଛି—ବାପାଙ୍କୁ କହି ସେ ଯୋଉ ଗଡ଼ରେ ରହୁଥିଲେ ସେ ଗଡ଼ର ଚାରିପାଖରେ ତିନପୁରୁଷ ଉଚ୍ଚର ମେଘନାଦ ପାଚେରି ତିଆରିଲା । ପାଚେରିର କଡ଼େ କଡ଼େ ଗଡ଼ଖାଇ ଖୋଳେଇଲା । ଗଡ଼ ଦୁଆରେ ଘରି ଘରି ତିନିସାଜ କବାଟ ଲଗାଇଲା । ସେଥିରୁ ସାଜେ ପିତଳର ସାଜେ କଂସାର, ସାଜେ ଲୁହାର । ଯୋଉ ଗଡ଼ରେ ପିମ୍ପୁଡ଼ି ପଶିଲେ ନବଖଣ୍ଡ ସେଠି ରଜାପୁଅ ବା କେମିତି ପଶିବ ?

ସ୍ତା' ମଧ୍ୟରେ ଆଶ୍ୱିନ ମାସ ଯାଇଁ କାର୍ତ୍ତିକ ମାସ ଆସିଲା । କାର୍ତ୍ତିକପୁନେଇଁରେ ଶୁଭ ଅନୁକୂଳ କରି 'ଜୟ ଜଗନ୍ନାଥ' କହି ସାଧବ ସାତପୁଏ ବୋଇତ ମେଲିବେ ମହି ଦରିଆରେ । ବଣିଜ କରି ଯିବେ—ଜାଭା, ବାଲି, ସୁମାତ୍ରା, ମଲ୍ଲକସ, କାମ୍ବୋଡ଼ିଆ ପ୍ରଭୃତି ରାଇଜକୁ । ସେଥିପାଇଁ ସାଧବ ସାତପୁଏ ସାତଖଣ୍ଡ ବୋଇତ ତିଆରି କରି ସେଥିରେ ଅଙ୍ଗ ଦେଶର ଶାଢ଼ିଠୁଁ ଆରମ୍ଭକରି ବଙ୍ଗ ଦେଶର ଚୁଡ଼ିଯାଏ ନାନା ଦରବ ଭରିଲେ ।

Digitized by srujanika@gmail.com

ଗଲାବେଳେ ସାଧବ ସାନପୁଅ ସାହାଡ଼ାସୁନ୍ଦରୀଙ୍କୁ ବାରମ୍ବାର ତାଗିଦା କରି କହିଲା—"ଦେଖ ମୁଁ ବିଦେଶ ଯାଉଛି । ତୁମେ ଟିକେ ସାବଧାନରେ ଥିବ । ମୁଁ ବିଦେଶରୁ ନଫେରିବା ଯାଏ ପଦାକୁ ତୁମେ ଗୋଡ଼ କାଢ଼ିବ ନାହିଁ । ଶୁଣିଛି ରାଜା ତୁମକୁ ପାଇବା ଲାଗି ପାଗଳ ହୋଇ ବୁଲୁଛି । ସେଥିଲାଗି ସେ ଘାଟ ଜଗି ବସିଛି । ତୁମେ ଆଜିଠାରୁ ଆଉ ନଈକୁ ଗାଧୋଇ ଯିବନି । ବାରିରେ ତୁମ ପାଇଁ ବେଣ୍ଟପୋଖରୀ ଖୋଳିଛି । ସେଇଠି ତୁମେ ଗାଧୋଇବ । ବାରିରେ ଶଙ୍ଖାରି ରଖିଛି, ତା'ରିଠାରୁ ଶଙ୍ଖା ପିନ୍ଧିବ । ବାରିରେ ମାଳୁଣୀ ରଖିଛି, ମନକଲେ ତା'ରିଠାରୁ ଫୁଲ ନେବ । ବାରିରେ ମୁଦିରି ରଖିଛି, ତା'ଠାରୁ ମୁଦି ପିନ୍ଧିବ । ଯେତେବେଳେ ଯାହା ତୁମପାଇଁ ଲୋଡ଼ା, ଛତିଶି ପାଟକ ଖଞ୍ଜିଛି । କେବଳ ସେତିକ ନୁହେଁ, ମେଘନାଦ ପାଚେରି ପୁଣି ଘେରେଇଛି—ତାକୁ ଡେଇଁ ତୁମେ ଉଆସ ବାହାରକୁ କେତେବେଳେ ହେଲେ ଯିବନି !"

ସାହାଡ଼ାସୁନ୍ଦରୀ ସେଥିରେ ରାଜିହେଲା ।

ସାଧବପୁଅ ଏଥର ପଚାରିଲା—"ଫେରିଲାବେଳେ ତୁମଲାଗି କ'ଣ କ'ଣ ଆଣିବି କୁହ ।"

ସାହାଡ଼ାସୁନ୍ଦରୀ କହିଲା—"କଅଣ ଆଉ ଆଣିବ ? ଶାଢ଼ି, ସିନ୍ଦୂର, ଶଙ୍ଖା ତ ହେଲା ମୋର ସର୍ବସ୍ୱ । ଆସିଲାବେଳେ ତୁମେ ମୋ ପାଇଁ ଭଲ କରି ଖଣ୍ଡେ ମେଘଡମ୍ବରୁ ପାଟ ଆଣିବ । ଗଜଦନ୍ତର ଗୋଟିଏ ସିନ୍ଦୂର ଫରୁଆ ଆଣିବ । ହୀରାନାଲର କାପଟିଏ ଆଣିବ । ଆଉ ବାଦେ ମନେକରି ଯେମିତିହେଲେ ମୋ'ଲାଗି ବାଇଗଣୀ ରଙ୍ଗର ଶୁଆଟିଏ ଆଣିବ ।"

ସାଧବପୁଅ 'ହଁ' କଲା । ତାପରେ ବୋଇତରେ ବଣିଜ କରିବାକୁ ଚାଲିଗଲା ଦୂର ବିଦେଶକୁ ।

ଏଣେ ରାଜା ସାନ ସାଧବାଣୀକୁ ଅନେଇ ଅନେଇ ତା' ଆଖିରୁ ପାଣି ମଲା । ସେ ସେଉଠୁ ଚତୁରୀ ନାପିତୁଣୀକୁ ମନେଇ ସାନ ସାଧବାଣୀ କେମିତି ନଈଘାଟକୁ ଗାଧୋଇ ଆସିବ ସେଇ ବ୍ୟବସ୍ଥା କଲା ।

Digitized by srujanika@gmail.com

ସାନ ସାଧବାଣୀ ଏତେ ଛନ୍ଦମନ୍ଦ କାହୁଁ ଜାଣିବ ? ସ୍ୱାମୀଙ୍କ କଥା ମାନି ସେ କେବେ ହେଲେ ବି ପଦାକୁ ଗୋଡ଼ କାଢ଼ନ୍ତି ନାହିଁ । ସେଦିନ କିନ୍ତୁ ସେ ନାପିତୁଣୀ କଥାରେ ପଡ଼ି ନଈ ଗାଧୁଆକୁ ମନକଲା । ନଈର ଜଳ କାଚକେନ୍ଦୁପରି ନିରମଳ । ବେଣ୍ଟପୋଖରୀରେ ତ ସବୁଦିନେ ଗାଧୋଉଛି···କେବଳ ଦିନୁଟିଏ ସେ ନଈରେ ଗାଧୋଇବ ।

ସାନ ସାଆଁର ମନ ରଖିବାପାଇଁ ଆଉ ଛଅ ଯା' ମଧ୍ୟ ସୁନା ସବାରି ଚଢ଼ି ନଈକୁ ଗାଧୋଇ ବାହାରିଲେ । କେତେ ସମୟ ପରେ ଜଣ ଜଣ କରି ସମସ୍ତେ ଗାଧୋଇସାରି ଉଆସକୁ ଫେରିଲେ, କିନ୍ତୁ ସାନ ସାଧବାଣୀର ଗାଧୁଆ ସରୁନଥାଏ । ସେ ଲୁଠପଥର ଉପରେ ବସି ସେମିତି ତା'ର ସୁନା ଦେହକୁ ଘଷି ମାଜି ଚକ୍‌ଚକ୍ କରୁଥାଏ । ସୁନାକେଶକୁ ପଖାଳୁଥାଏ ।

ଆଖି ଆଗରୁ ସେମିତି ଛଅ ଯାଆ ଅନ୍ତର ହୋଇଛନ୍ତି—ଏଇ ସମୟରେ କୋଉଠି ଛପିଥିଲା ହଟିଆ ରଜା, ହାତରେ ବାରହାତ ଖଣ୍ଡା ଧରି ପାଟଘୋଡ଼ାରେ ଚଢ଼ି ସେ ଆସି ସାନ ସାଧବାଣୀ ଗାଧୋଉଥିବା ନଈଘାଟରେ ପହଞ୍ଚିଲା ।

ତାକୁ ଦେଖି ସାହାଡ଼ା ଜଉକାମୁଣ୍ଡ ପକେଇଲା । ହେଲେ ଯିବ କୁଆଡ଼େ ? ରାଇଜର ରଜା ସେ, ମାଗିବସିଲା ଘାଟମୂଲ । ଘାଟମୂଲ ମାଗୁ ମାଗୁ ଶେଷକୁ ସେ ବଳାତ୍କାରରେ ସାହାଡ଼ାସୁନ୍ଦରୀକୁ ପାଟଘୋଡ଼ାରେ ବସାଇ ରାଜଉଆସକୁ ଘେନିଗଲା ।

ସାହାଡ଼ାସୁନ୍ଦରୀର ଉପାୟ ନାହିଁ । ମନ ନଥିଲେ ବି ତା'ର ବଳ କେତେ ? ସେ ଖାଲି କାନ୍ଦିଲା । କେତେ ଦିଅଁ ଦେବତାଙ୍କୁ ଡାକିଲା । ହେଲେ କ'ଣ ହେବ, ସବୁ ବୃଥା ।

ରଜାପୁଅ ଏଥର ସାହାଡ଼ାସୁନ୍ଦରୀକୁ ନେଇ ତା'ର ଅନେକଶୋତ ରାଣୀଙ୍କ ଉପରେ କଲା ପାଟରାଣୀ ।

କିଛିଦିନ ପରେ ସାଧବ ସାତଭାଇ ସାତଖଣ୍ଡ ବୋଇତରେ ହୀରାମାଳା, ଟଙ୍କାଟୋକରି ବୋଝେଇ କରି ବିଦେଶରୁ ଫେରିଲେ । ଖବର

Digitized by srujanika@gmail.com

ଯାଇ ସାଧବ ଛଅବୋହୂ ଶଙ୍ଖ ବଜେଇ ହୁଳହୁଳି ଦେଇ ବୋଇତ ବନ୍ଦେଇ ଗଲେ । ଏକା ଯାଇ ନଥାଏ ସାହାଡ଼ାସୁନ୍ଦରୀ ।

ସାଧବ ସାନପୁଅ ମାଆଙ୍କୁ ପଚାରିଲା—"ମାଆ, ସମସ୍ତେ ତ ଆସିଲେ—ସାହାଡ଼ାସୁନ୍ଦରୀ କାହିଁ ?"

ମାଆ ସେଉଠୁ ଗୋଟି ଗୋଟି କରି ସବୁକଥା ସାନପୁଅକୁ କହିଲା । ସେକଥା ଶୁଣି ସାନପୁଅ ମୁଣ୍ଡରେ ଆକାଶ ଛିଡ଼ିଲା । ଆଖିରୁ ଖାଲି ଧାର ଧାର ହୋଇ ଲୁହ ବହିଗଲା ।

ଯୋଉ ଜୀବନସଙ୍ଗିନୀ ଲାଗି ସେ ଉଦର ଘର ଜୁର କରିଛି··· ଯୋଉ ନୟନତାରା ଲାଗି ସେ ସାତ ସମୁଦ୍ର ତେର ନଈ ପାରି ହୋଇ ଜୀବନକୁ ପାଣି ଛଡ଼େଇ ବୋଇତ ମେଲିଛି···ସେ ଯଦି ଆଉ ନାହିଁ, ତାହାହେଲେ ଏ ସୁଖଶିରୀ, ଧନରତ୍ନ, ପାଟପୀତାମ୍ବରୀ, ମଣିମାଣିକ୍ୟ ଗଜଦନ୍ତ ଆଉ କାହା ପାଇଁ ?

ସେ ସେଉଠୁ ସାହାଡ଼ାସୁନ୍ଦରୀ ପାଇଁ ଯୋଉ ମେଘଡମ୍ବରୁ ଶାଢ଼ି ଆଣିଥିଲା, ତାକୁ ଚିରି ମୁଣ୍ଡରେ ପାଗ ବାନ୍ଧିଲା । ଯୋଉ ହୀରାମାଳାର କାପ ଆଣିଥିଲା, ତାକୁ ମଧୁରି କଲା । ଯୋଉ ପାଟ ପିତାମ୍ବରୀ ଆଣିଥିଲା, ତାକୁ ଛିଡ଼ାଇ ଲେଙ୍ଗୁଟି କଲା । ଯୋଉ ବାଛଗଣୀ ରଙ୍ଗର ଶୁଆଟିକୁ ଆଣିଥିଲା ତାକୁ କାନ୍ଧରେ ବସାଇଲା । ତା'ପରେ ହାତରେ କେନ୍ଦରାଟିଏ ଧରି ଏମିତି ଯୋଗୀବେଶ ହୋଇ ବୁଲିଲା ଦାଣ୍ଡେ ଦାଣ୍ଡେ ।

ଦୁଆର ଦୁଆର ବୁଲି ଭିକମାଗି ଯାଇ ପହଞ୍ଚିଲା ରାଜ-ନବରରେ ।

ରଜାଙ୍କର ସିଂହଦ୍ୱାର । କେତେ କାଇଦା କଟକଣା । ପାହାଚ ପରେ ପାହାଚ ଲମ୍ବିଛି । ତା'ରି ତଳେ ଠିଆହୋଇ କେନ୍ଦରାଟି ବଜାଇ ବଜାଇ ସାଧବପୁଅ ଗୀତ ଗାଉଥାଏ—

କାହିଁଗଲୁ ସାହାଡ଼ା ଲୋ, ଉଜାଡ଼ ମୋ' ଘର
ତୁ ହୋଇଲୁ ରାଜରାଣୀ, ମୁଁ ହୋଇଲି ପର ।
ହାଟଘାଟ ଜୁର କଲି, ଶେଷେ ତୋର ପାଇଁ
ଜୀବନ ବୃଥା ହେଲା ତୋତେ ଭଲ ପାଇ ।

Digitized by srujanika@gmail.com

କାନ୍ଦିଗଲୁ ସାଦାଡ଼ାଲୋ, ଉଜାଡ଼ ମୋ ଘର
ତୁ ହୋଇଲୁ ରାଜରାଣୀ, ମୁଁ ହୋଇଲି ପର ।

କେତେ କରୁଣ ସେ ଗୀତର ଲହରୀ । ଗାଇଲାବେଳେ ଆଖି ହଟି ଯେମିତି ତା'ର ଲୁହରେ ଭାସୁଥାଏ । ସେ ଗୀତ ଯିଏ ଶୁଣୁଥାଏ, ସେ କାନ୍ଦ ପକାଉଥାଏ । ସେ ଗୀତ ଶୁଣି ଗଛପତର ବି କାନ୍ଦୁଥାନ୍ତି ।

ଦାଣ୍ଡରେ ନୂଆ ଯୋଗୀଟିଏ ଦେଖି ରାଜାଙ୍କର ଦାସୀ ପରିବାରୀ ପହିଲେ ଭିକ ଦେବା ପାଇଁ ଆସିଲେ । ହେଲେ ନୂଆଯୋଗୀ ତାଙ୍କ ହାତରୁ ଭିକ ଛୁଇଁଲା ନାହିଁ । ଆସିଲେ ଗୋଟିଏ ଗୋଟିଏ ହୋଇ ଅନେଶୋତ ରାଣୀ, ନୂଆ ଯୋଗୀ ତାଙ୍କ ହାତରୁ ମଧ ଭିକ ଛୁଇଁଲେ ନାହିଁ । ତା'ର ଗୋଟିଏ କଥାକ—ପାଟରାଣୀଙ୍କ ହାତରୁ ଭିକ ମୁଠାଏ ନେବ ଯେ କାଳକ ବସି ଖାଉଥିବ ।

ସାଦାଡ଼ାସୁନ୍ଦରୀ ତେଣେ ନୂଆ ଯୋଗୀର ଗୀତ ଶୁଣି ଗବାକ୍ଷ ଫାଙ୍କରେ ଗୃହିଁଲା । ସାଧବପୁଅକୁ ଚହ୍ନିବା ଲାଗି ତା'ର ଆଉ ବାକି ରହିଲାନି । ଆଖିରୁ କେଇ କେଇ ଲୁହକୁ କୌଣସି ପ୍ରକାରେ ସମ୍ଭାଳି ନେଇ ଶେଷକୁ ସେ ଆସିଲା ଭିକ ନେଇ ।

ସେ ଥାଳରେ ଏଣେ ଭିକ ଅଜାଡ଼ ହେଉଛି, ଏତିକିବେଳେ ତାକୁ ଶେଷଥର ପାଇଁ ଭଲକରି ଆଖି ପୂରେଇ ଦେଖିନେଲା ସାଧବପୁଅ । ତା' ପରେ 'ମୋ' ସାଦାଡ଼ା ଲୋ ··' ବୋଲି କହି ଛୁରୀଟାଏ ବାହାର କରି ଭୁସିଦେଲା ନିଜର ଛାତିରେ ।

ସାଦାଡ଼ା ପାଇଁ ଦୁନିଆ ଜୁର କରିଥିଲା । ଶେଷକୁ ପରାଣ ମଧ ତ୍ୟାଗ କଲା ସାଧବପୁଅ ।

ସେ ଦୃଶ୍ୟ ଦେଖି ସାଦାଡ଼ାସୁନ୍ଦରୀ ମୂର୍ଚ୍ଛା ହୋଇପଡ଼ିଲା ।

ଏତିକିରେ ଏ ଗପ ସରିଲା ନାହିଁ । ସାଦାଡ଼ାସୁନ୍ଦରୀର ଯେତେ-ବେଳେ ଚେତା ଫେରିଲା ସେ କାନ୍ଦ କାନ୍ଦ ରାଜାକୁ କହିଲା—"ରାଜା, ମୋର ଗୋଟିଏ ଅଳି ରଖ, ମୃତ ସ୍ୱାମୀଙ୍କୁ ମୋର ଏଇ ରାଜବାଟୀରେ ଦାହ କରିବାର ବନ୍ଦୋବସ୍ତ କର । ଗୋଟିଏ ସୁସଜ୍ଜିତ ମଣ୍ଡପ ଉପରେ ତୁମ ସହିତ ବସି ମୁଁ ତାଙ୍କର ଶେଷକୃତ୍ୟ ଦେଖିବ ।"

Digitized by srujanika@gmail.com

ସୁନ୍ଦରୀ ମୂହଁର ସବୁଠି ଜୟ । ପାଟରାଣୀ ଯେତେବେଳେ କହୁଛନ୍ତି—ରାଜା ରାଜ ହୋଇଗଲେ । ଯୋଗୀଙ୍କୁ ରାଜବାଟୀରେ ଦାହ କରିବାର ସବୁପ୍ରକାର ବ୍ୟବସ୍ଥା ମଧ୍ୟ କରିଦେଲେ ।

ଯେତେବେଳେ ସାଧବପୁଅର ଶବ ରାଜବାଟୀରେ ହୁ ହୁ ହୋଇ ଜଳୁଥାଏ, ସେତିକବେଳେ ସାହାଡ଼ାସୁନ୍ଦରୀ ଥିଲି ଥିଲି ସେ ଉଚ୍ଚଜଗତି ଉପରୁ ତା' ସ୍ୱାମୀଙ୍କର ଲେଲିହାନ ଚିତା ଉପରକୁ ହଠାତ୍ ଡେଇଁ-ପଡ଼ିଲା ।

ଆଖିପିଛୁଳାକେ ଏତେ କାଣ୍ଡ ଘଟିଯିବ ବୋଲି ରାଜାଙ୍କର ସେତେ ଆଡ଼କୁ ଆଉ ହେଜ ନଥିଲା । ଏ ପରିସ୍ଥିତିରେ ସେ କ'ଣ କରିବେ କିଛି ସ୍ଥିର କରିପାରିଲେନି । ନିଜକୁ ସମ୍ଭାଳି ନପାରି ତାଙ୍କୁ ଠକିଦେଇ ଚାଲିଯାଉଥିବା ରାଣୀଙ୍କୁ ପୁଣି ଧରି ଆଣିବାକୁ ସିଏ ବି ସେହି ଜଗତି ଉପରୁ ଚିତା ଉପରକୁ ଡେଇଁପଡ଼ିଲେ । କିନ୍ତୁ ହେଲା କ'ଣ ? ରାଣୀଙ୍କୁ ରକ୍ଷା କରିବା ତ ଦୂରର କଥା, ସେ ନିଜେ ମଧ୍ୟ ରକ୍ଷା ପାଇଲେନି । ପୋଡ଼ି ଜଳି ପାଉଁଶ ମୁଠାଏ ହେଲେ । ଏଣେ ଅନେଶୋତ ରାଣୀ ହେଲେ ବିଧବା, ତାଙ୍କ କ୍ରନ୍ଦନରୋଳରେ ଗଗନପବନ ଛୁଇଁଗଲା ।

ମୂଳରୁ ଚୂଳଯାଏ ସବୁକଥା ସାଧବପୁଅ ପୋଷା ଶୁଆଟି ସାହାଡ଼ା-ସୁନ୍ଦରୀ ଲାଗି ଆଣିଥାଏ, ସେ ବସି ଦେଖୁଥାଏ । ଶୁଆ ହେଲେ ବି ସେ ସାମାନ୍ୟ ଶୁଆ ନୁହେଁ । ସେ ହେଉଛି କୈଳାସପର୍ବତର ଶୁଆ । ଶିବଙ୍କ ଅନୁଚର । ନିଜ ମାଲିକ ମାଲିକାଆଣୀଙ୍କର ମୃତ୍ୟୁ ଦେଖି ତା' ଦେହ କି ଆଉ ସହେ ? ସେ ସଙ୍ଗେ ସଙ୍ଗେ କୈଳାସକୁ ଉଡ଼ିଯାଇଁ ଦେବ ଦେବ ମହାଦେବଙ୍କ ଆଗରେ ସବୁକଥା କହିଲା । ମହାଦେବ କହିଲେ ଠିକ୍ ଅଛି, ମୁଁ ତୋତେ ଅମୃତକୁଣ୍ଡରୁ ପାଣି ଆଣି ଦେଉଛି, ସେଇଆକୁ ନେଇଯା ସମସ୍ତଙ୍କ ହାଡ଼କୁ ଏକାଠି କରି ଛିଞ୍ଚିଦେବୁ ।

ମହାଦେବଙ୍କର ଆଦେଶ ପାଇ ଶୁଆଟି ରାଜବାଟୀକୁ ପୁଣି ଫେରି-ଆସିଲା । ସମସ୍ତଙ୍କ ହାଡ଼କୁ ଏକାଠି କରି ତା' ଉପରେ ସେ ଅମୃତକୁଣ୍ଡ ପାଣିକୁ ଛିଞ୍ଚିଦେଲା । ତା'ଫଳରେ ସାଧବପୁଅ ଓ ସାହାଡ଼ାସୁନ୍ଦରୀ ନିଜର ପୂର୍ବରୂପ ଫେରିପାଇ ପୁଣି ନିଦରୁ ଉଠିଲାଭଳି ଉଠିବସିଲେ; ମାତ୍ର ମଣିଷ

Digitized by srujanika@gmail.com

ଜନମ ପାଇ ପରନାରୀରେ ଆଖି ଦେଉଥିବା ସେ ଦୁଷ୍ଟ ରାଜା ଆଉ ମଣିଷ ରୂପ ପାଇଲାନି; ସେ ପାଇଲା ଗୋଟାଏ କୁକୁର ରୂପ । ତାକୁ ଦେଖି ସମସ୍ତେ ଘୃଣାରେ ଛି'ଛାକର କଲେ । ମାରଧର କରି ଘଉଡ଼ାଇଦେଲେ । ସେ ହେଲା ସମସ୍ତଙ୍କର ଉପହାସର ପାତ୍ର ।

ଚନ୍ଦୁଁ ସାଧବପୁଅ ସେ ରାଜ୍ୟର ରାଜା ହେଲା । ସାହ ଡ଼ାସୁନ୍ଦରୀ ହେଲା ରାଣୀ । ସେମାନେ ସୁଖରେ ରାମରାଜ୍ୟ କଲେ । ମୁଁ ଯାଇଥିଲି ସେ ମଟେ କଥା କହିଲେ ନାହିଁ ।

‘ମୋ କଥାଟି ସରିଲା
ଫୁଲ ଗଛଟି ମରିଲା···’

Digitized by srujanika@gmail.com